# ଷୋଳଦିନ ଗୁପ୍ତନୀତି, ଭକ୍ତଙ୍କୁ ଦର୍ଶନ ମନା

**ଶାରଦୀୟ ପୂଜା ଅବସରରେ ଷୋଳ ଦିନ ଧରି ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ମନ୍ଦିରକୁ ଭକ୍ତଙ୍କ ଚଳପ୍ରଚଳ ନିଷିଦ୍ଧ କରାଯାଏ। ଆଲୋକ ନିର୍ବାପିତ ହୁଏ । କଥୋପକଥନକୁ କରାଯାଏ ବାରଣ । ଏହି ସମୟରେ ଚାଲେ ମା’ଙ୍କ ଗୁପ୍ତ ପୂଜା । ଫଳରେ ଦେବୀ ଦର୍ଶନ ବନ୍ଦ ରୁହେ ।**

ବୌଦ୍ଧ ଜିଲାର ଅଧିଷ୍ଠାତ୍ରୀ ଦେବୀ ଭୈରବୀଙ୍କ ପୀଠରେ ମୂଳାଷ୍ଟମୀ ଠାରୁ ଚାଲିଛି ଷୋଳପୂଜା। ସରକାରଙ୍କ କୋଭିଡ୍ କଟକଣା ଅନୁଯାୟୀ ସବୁ ଦେବୀ ପୀଠରେ ଭକ୍ତଙ୍କୁ ଦର୍ଶନ ମନା ରହିଛି । ତେବେ ଏଠାରେ ବର୍ଷ ବର୍ଷ ଧରି ଏହି ଷୋଳ ପୂଜା ସମୟରେ ମା’ଙ୍କୁ ଦର୍ଶନ କରିବା ନେଇ ବାରଣ ରହିଛି ।

ହରଭଙ୍ଗା ବ୍ଲକ ପୁରୁଣାକଟକସ୍ଥିତ ମନ୍ଦିରରେ ବିରାଜମାନ ମା’ ଭୈରବୀଙ୍କ ନାମରେ ଜିଲାବାସୀ ପ୍ରତ୍ୟେକ ଶୁଭକାମ ଆରମ୍ଭ କରନ୍ତି। ଏଠାରେ ଶିବ ଓ ଶକ୍ତି ଉଭୟ ପୂଜା ପାଇଥାନ୍ତି। ଦେବୀଙ୍କ ପୀଠରେ ବର୍ଷସାରା ବିଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ। ଦେବୀଙ୍କ ମୁଖ୍ୟ ପୂଜା ଷୋଳ ପୂଜା ବା ଖଣ୍ଡାବସା ପର୍ବ। ଏହି ପର୍ବ ଆବାହମାନ କାଳରୁ ଚଳି ଆସୁଛି। ଷୋଳପୂଜା ଆଶ୍ୱିନ ମୂଳାଷ୍ଟମୀଠାରୁ



ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଏହାର ସମସ୍ତ କାର୍ଯ୍ୟ କୁମାର ପୂର୍ଣିମା ଦିନ ପତ୍ର ମେଲାଣି ପରେ ସମାପ୍ତ ହୋଇଥାଏ। କେଉଁ କାଳରୁ ପର୍ବ ସମୟରେ ଏଠାରେ ଭିନ୍ନ ପରମ୍ପରା ରହିଆସିଛି । ଷୋଳପୂଜା ଆରମ୍ଭ ଦିନ ମା’ଙ୍କ ପାଟଖଣ୍ଡା ଓ ବିଜୟ ପ୍ରତିମା ପୁରୁଣାକଟକ ସହର ପରିକ୍ରମା କରିଥାଏ। ଶହଶହ ଭକ୍ତଙ୍କ ଗହଣରେ ଘଣ୍ଟ,ଛତ୍ର, ବାଦ୍ୟର ବିରାଟ ପଟୁଆର ମନ୍ଦିରରେ ପହଞ୍ଚିଥାଏ।। ଏହି ଦିନ ଅଞ୍ଚଳରେ ପୁଅର ମଙ୍ଗଳ

## ନବମୀ ଦିନ ମା’ଙ୍କଠାରେ ନୂଆ ଲାଗି ହୁଏ



ମନାସୀ ମାଆମାନେ ପୁଅ ଜିଉଁତିଆ କରିଥାନ୍ତି। ଏହି ପର୍ବରେ ଅଞ୍ଚଳର ମହିଳାମାନେ ନିର୍ଜଳା ଉପବାସ ରହି ନିଶାର୍ଦ୍ଧରେ ମା’ଙ୍କ ପୀଠରେ ଢୋଲ ବାଦ୍ୟ ଶୁଭିଲା ପରେ ପୂଜା ଆରମ୍ଭ କରିଥାନ୍ତି। ଶକ୍ତି ପୀଠରେ ଷୋଳଦିନ ପର୍ଯ୍ୟନ୍ତ ଦେବୀଙ୍କୁ ଗୁପ୍ତ ଭାବେ ପୂଜା କରାଯାଇଥାଏ । ଏଭଳି ପରମ୍ପରା ଅନ୍ୟ କୌଣସି ଦେବୀ ପୀଠରେ ଦେଖାଯାଇ ନ ଥାଏ । ରାତ୍ରର ପ୍ରଥମ ପ୍ରହରରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ମା’ଙ୍କର ପୂଜା ହୁଏ । ଷୋଳ ଦିନ ପର୍ଯ୍ୟନ୍ତ ମନ୍ଦିର ପରିସରରେ ସମସ୍ତଙ୍କ ଚଳପ୍ରଚଳ ନିଷିଦ୍ଧ କରାଯାଏ। ମନ୍ଦିରରେ ଅଲୋକ ନିର୍ବାପିତ କରାଯାଏ। ଏପରି କି କଥୋପକଥନ ମଧ୍ୟ ବାରଣ କରାଯାଇଥାଏ। ମନ୍ଦିରରେ ଗୁପ୍ତ ପୂଜା କରାଯାଉଥିବା ଯୋଗୁ ଭକ୍ତଙ୍କୁ ଦେବୀ ଦର୍ଶନ ନିଷେଧ କରାଯାଇଥାଏ । ମହାଷ୍ଟମୀ ରାତିରେ ବିଶେଷ ପୂଜା ଅନୁଷ୍ଠିତ ହୁଏ। ନବମୀ ଦିନ ପୀଠରେ ନବାନ୍ନ ଲାଗି ହୁଏ। ମା’ଙ୍କ ପୀଠରେ ନବାନ୍ନ ଲାଗି ପରେ ଏହି ଅଞ୍ଚଳରେ ସମସ୍ତେ ନୂଆ ଖାଇଥାନ୍ତି। ସୂଚନାଯୋଗ୍ୟ, ମନ୍ଦିର ବନ୍ଦ ଥିବା ବେଳେ ମା’ଙ୍କ ପ୍ରତିମା ସାହାଡା ଗଛ ମୂଳରେ ୧୬ ଦିନ ଧରି ପୂଜା ପାଇଥାନ୍ତି। ଅପରପକ୍ଷରେ ଦେବୀ ଦର୍ଶନ ନିଷେଧ ଥିବାରୁ ନବମୀ ଠାରୁ ଦେବୀଙ୍କ କୃପା ଲାଭ କରିବା ପାଇଁ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସମାବେଶ ଏଠାରେ ହୁଏ। ଷୋଳ ଖଣ୍ଡ ମୌଜାର ଜନସାଧାରଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା’ଙ୍କ ପୂଜା ହୋଇଥାଏ। ଭୈରବୀ ମନ୍ଦିରରେ କୋଭିଡ ନିୟମ ଅନୁସାରେ ପୂଜା ଚାଲୁ ରହିଛି ବୋଲି ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ ପ୍ରଧାନ ଓ ସମ୍ପାଦକ ସୁଷେଣ ପ୍ରଧାନ ସୂଚନା ଦେଇଛନ୍ତି।

**ପ୍ରସ୍ତୁତି: ଅଜିତ କୁମାର ବାରିକ/ ସୁକାନ୍ତ ପଟ୍ଟନାୟକ ବୌଦ୍ଧ/ପୁରୁଣାକଟକ**

# ମା’ ଲଙ୍କେଶ୍ୱରୀଙ୍କ ଦର୍ଶନ ପାଇଁ ମହାନଦୀରେ ବୋଟ ପ୍ରଚଳନ ଦାବି

**ସୋନପୁର,୧୨।୧୦(ନି.ପ୍ର.):** ସୁବର୍ଣ୍ଣପୁର ହେଉଛି ଅଷ୍ଟ ଚଣ୍ଡି, ଅଷ୍ଟ ବିଷ୍ଣୁଙ୍କ ସହର। ଏହା ସହିତ ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ହୋଇଥିବାରୁ ଏଠାକୁ ପ୍ରତ୍ୟହ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ମହାନଦୀ ଗର୍ଭରେ ଥିବା ମା ଲଙ୍କେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ବିଶେଷ ଆଗ୍ରହ ଥାଏ। ତେବେ ତେନ୍ତୁଳିଘାଟରୁ ଦେଶୀ ଡଙ୍ଗାରେ ଗଣ୍ଡ ପାର ହୋଇ ଲଙ୍କେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୀଠକୁ ଯାତାୟତର ସୁବିଧା ତଥା ଭକ୍ତଙ୍କ ସୁରକ୍ଷା ପାଇଁ ଏକ ମୋଟର ବୋଟ୍ ଯୋଗାଇ ଦେବାକୁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ସଞ୍ଜୀବ କୁମାର ଅଗ୍ରୱାଲା
ପରିଚାଳକ, ମା’ ଭୈରବୀ ରାଇସ ଇଣ୍ଡଷ୍ଟ୍ରିଜ ଲାଣ୍ଡିବନ୍ଧ, ବୌଦ୍ଧ

ବୌଦ୍ଧ ଜିଲ୍ଲାର ଆରାଧ୍ୟା ଦେବୀ ମା’ ଭୈରବୀଙ୍କ ଷୋଳପୂଜା ଅବସରରେ ଜିଲ୍ଲାବାସୀଙ୍କୁ ମୋର ଶାରଦୀୟ ଅଭିନନ୍ଦନ ଓ ଶୁଭକାମନା।
ଶ୍ରୀ ସରୋଜ କୁମାର ପ୍ରଧାନ
ବିଜେପି ନେତା, ବୌଦ୍ଧ

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା। ମା’ ସମସ୍ତଙ୍କ ଜୀବନ ସୁଖ ଓ ସମୃଦ୍ଧିରେ ଭରି ଦିଅନ୍ତୁ ଏହା ହିଁ କାମନା।
ଶ୍ରୀ ଅଶୋକ କୁମାର ଅଗ୍ରୱାଲା, ପରିଚାଳକ
ରାଣୀସତୀ ପେଡ଼ି ପ୍ରୋସେସିଂ ପ୍ରା.ଲି., ପୁରୁଣାକଟକ

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଚାଷୀଭାଇ ଓ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ନୀଳକଣ୍ଠ ମହାନ୍ତି
ପରିଚାଳକ ମା’ ରାଇସ ଇଣ୍ଡଷ୍ଟ୍ରିଜ ରଙ୍ଗମାଟିଆ (ଭୁବନେଶ୍ୱର)

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ଅବକାଶ ସାହୁ
ଜିଲ୍ଲା ପରିଷଦ ସଦସ୍ୟ, ବୌଦ୍ଧ

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀମତୀ ପ୍ରତିମା ପ୍ରଧାନ
ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ହରଭଙ୍ଗା, ବୌଦ୍ଧ

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ଏହି ଅଞ୍ଚଳର ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ସଜ୍ଜନ କୁମାର ଅଗ୍ରୱାଲା
ସମାଜସେବୀ, ପୁରୁଣାକଟକ, ବୌଦ୍ଧ

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀଯୁକ୍ତ ପ୍ରଶାନ୍ତ ମହାକୁଡ଼
ମ୍ୟାନେଜିଂ ଡାଇରେକ୍ଟର
ମା’ ଭୈରବୀ ଫ୍ଲାଏ ଆସ ଇଣ୍ଡଷ୍ଟ୍ରିଜ୍, ଛତ୍ରଙ୍ଗ

ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ସହ ମା’ ଭୈରବୀ ସମସ୍ତଙ୍କ ମଙ୍ଗଳ କରନ୍ତୁ ଏହା ମା’ଙ୍କ ନିକଟରେ କାମନା ।
ଶ୍ରୀ ଅକ୍ରୁର ସେଠୀ
ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ, ବୌଦ୍ଧ

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ବିରଞ୍ଚି କାଲସାଏ
ପଞ୍ଚାୟତ ନିର୍ବାହୀ ଅଧିକାରୀ, ପୁରୁଣାକଟକ ଗ୍ରା.ପ.

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀଯୁକ୍ତ ପ୍ରତିଭା ସାହୁ
ମ୍ୟାନେଜିଂ ଡାଇରେକ୍ଟର
ସାହୁ ଟ୍ରେଡର୍ସ, ପୁରୁଣାକଟକ

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ରାମଗଡ଼ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ନରେଶ କୁମାର ସେଠୀ
ସରପଞ୍ଚ, ରାମଗଡ଼ ଗ୍ରାମ ପଞ୍ଚାୟତ

ଜନସେବା କେନ୍ଦ୍ର ପୁରୁଣାକଟକ (ଷ୍ଟେଟ ବ୍ୟାଙ୍କ ସାମ୍ନା) ତରଫରୁ ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ଲୁଣିବାହାଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ବିଷ୍ଣୁ ଚରଣ ଜାନୀ
ସରପଞ୍ଚ, ଲୁଣିବାହାଲ ଗ୍ରାମପଞ୍ଚାୟତ

ପବିତ୍ର ଦଶହରା ଓ ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀଯୁକ୍ତ ରବିଚନ୍ଦ୍ର ପ୍ରଧାନ
ବିଜେପି ନେତା, ହରଭଙ୍ଗା ବ୍ଲକ

ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ସଙ୍କୁଲୋଇ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀମତୀ ରଶ୍ମିତା ମହାକୁଡ଼
ସରପଞ୍ଚ, ସଙ୍କୁଲୋଇ ଗ୍ରା.ପ.

ମା’ ଭୈରବୀଙ୍କ ପବିତ୍ର ଷୋଳପୂଜା ଅବସରରେ ବୌଦ୍ଧ ଜିଲ୍ଲାବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ସୁବାସ କୁମାର ପ୍ରଧାନ
ମ୍ୟାନେଜିଂ ଡାଇରେକ୍ଟର
ଜୟମାତାଦି ଫାର୍ମସ ପ୍ରଡ୍ୟୁସର କମ୍ପାନି ଲି଼.




ପୁରୁଣାକଟକର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଚାଲିଥିବା ଷୋଳପୂଜା ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ସଞ୍ଜୀବ କୁମାର ପ୍ରଧାନ
ଉପଦେଷ୍ଟା, ବୌଦ୍ଧ ଜିଲ୍ଲା ସମବାୟ ସମିତି କର୍ମଚାରୀ ସଂଘ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ଅକ୍ଟୋବର, ୨୦୨୧



## ବାଜି ରାଉତ ବିଶ୍ୱର ସର୍ବ କନିଷ୍ଠ ଶହୀଦ

ସମ୍ବଲପୁର,(ବ୍ୟୁରୋ): ବାଜି ରାଉତ ବିଶ୍ୱର ସର୍ବ କନିଷ୍ଠ ଶହୀଦ ଅଟନ୍ତି। ତାଙ୍କର ବୀରତ୍ୱର ଗାଥା ଭାରତୀୟଙ୍କ ପ୍ରାଣରେ ଚିରକାଳ ରହିଛି ଓ ରହିବ। ସେ ନିଜ ଦେଶ ମାତୃକାର ସେବାରେ ଶହୀଦ ହୋଇଥିଲେ। ତାଙ୍କ ସମ୍ପର୍କରେ ଆହୁରି ପ୍ରଚାର ପ୍ରସାର ହେବା ଆବଶ୍ୟକତା ରହିଛି। ଏହା ଦ୍ୱାରା ଓଡ଼ିଆ ଓ ଭାରତୀୟ କିଶୋର ତାଙ୍କ ବୀରତ୍ୱ ବିଷୟରେ ଜାଣିପାରିବେ। ସୋମବାର ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ସେବା ଆୟୋଜିତ ବାଜି ରାଉତଙ୍କ ୮୩ତମ ଶହୀଦ ଦିବସ ସଭାରେ ବକ୍ତାମାନେ ଏଭଳି ମତ ରଖିଛନ୍ତି। ସେବା ମୁଖ୍ୟ ଉପଦେଷ୍ଟା ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସଭାପତି ଦୀପକ ପାଣ୍ଡେ ପ୍ରାରମ୍ଭିକ ସୂଚନା ଓ ସହସମ୍ପାଦକ ଶେଖ ଇନ୍ତେଖାପ ଧନ୍ୟବାଦ ଦେଇଥିଲେ।

# ସଂରକ୍ଷଣ ଚିଠା ପୋଡ଼ିଲା ଓବିସି ମଞ୍ଚ

ସମ୍ବଲପୁର,୧୨।୧୦(ବ୍ୟୁରୋ)

ଆଗାମୀ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶିତ ଚିଠା ସଂରକ୍ଷଣ ତାଲିକାରେ ପଛୁଆବର୍ଗଙ୍କୁ ଉପେକ୍ଷା କରାଯାଇଛି। ମଙ୍ଗଳବାର ସମ୍ବଲପୁର ଜିଲ୍ଲା ଓବିସି ମଞ୍ଚ ଏଭଳି ଅଭିଯୋଗ ଆଣି ସଂରକ୍ଷଣ ଚିଠାକୁ ପୋଡ଼ିଥିଲା। ପରେ ମଞ୍ଚର ଜିଲ୍ଲା ଆବାହକ ସରୋଜ ସାହୁଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ରାଜ୍ୟ ସଭାପତି ଶଙ୍କର ପାତ୍ର ଯୋଗଦେଇ ପଛୁଆବର୍ଗଙ୍କୁ ସାମ୍ବିଧାନିକ ଅଧିକାର ପ୍ରଦାନ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି ବୋଲି କହିଥିଲେ।

ମଞ୍ଚର ଜାତୀୟ ସଭାପତି ଡ. ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ସମସ୍ତ ପଛୁଆବର୍ଗ ସଙ୍ଗଠିତ ହୋଇ କାର୍ଯ୍ୟ କରିବା ଓ ହକ୍ ହାସଲ ପାଇଁ ଏଭଳି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଓବିସି କର୍ମୀ ସିମାଞ୍ଚଳ ଖଟେଇ ପ୍ରକାଶିତ ଚିଠା ସଂରକ୍ଷଣ ତାଲିକାରେ ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଦସ୍ୟ ଆସନରେ ପଛୁଆ ବର୍ଗ (ଓବିସି)ଙ୍କ ପ୍ରତି ସରକାର ଅଣଦେଖା କରିଥିବା ପ୍ରକାଶ କରି ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ବଲାଙ୍ଗୀର ଜିଲ୍ଲା ଓବିସି ମଞ୍ଚ ସମ୍ପାଦକ ପରଦେଶୀ ବିଶ୍ୱାଳ, ସମ୍ବଲପୁର ଜିଲ୍ଲା ଚଷା ସମାଜ ସଭାପତି ଉତ୍ତମ ପ୍ରଧାନ, କୁଳତା ସମାଜ ଜିଲ୍ଲା ସଭାପତି ନବୀନ ଗୁପ୍ତା, ଯାଦବ ସମାଜ ଜିଲ୍ଲା ସଭାପତି ଭୋଲା ମହନ୍ତ, ବାରିକ ସମାଜ ମହିଳା ଶାଖା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ଗୁ ସମାଜ ଜିଲ୍ଲା ସଭାପତି ପଞ୍ଚା ସାହୁ, ସାଗୁଆ (ଚଷା) ସମାଜ ରାଜ୍ୟ ସଭାପତି ଯୁଗଳ ସାହୁ, ଶୁଣ୍ଢି ସମାଜ ଜିଲ୍ଲା ସାଧାରଣ ସମ୍ପାଦକ ଦାଶରଥି ବେହେରା, ନୂଆପଡା ଜିଲ୍ଲା ଓବିସି ମଞ୍ଚ ସଭାପତି ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ବକ୍ତବ୍ୟରେ ପଛୁଆବର୍ଗଙ୍କୁ ଉପେକ୍ଷା କରାଯାଇଥିବା ପ୍ରକାଶ କରିଥିଲେ। ଜିଲ୍ଲା ଆପତ୍‌କାଳୀନ ବିଭାଗ ପକ୍ଷରୁ ଦାବିପତ୍ର ଗ୍ରହଣ କରାଯାଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ତ୍ରିସ୍ତରୀୟ ପଞ୍ଚାୟତ ନିବାଚନ ସଂରକ୍ଷଣ ଚିଠାକୁ ଓବିସି କର୍ମୀମାନେ ପୋଡି ତୀବ୍ର ବିରୋଧ କରିଥିଲେ। ଛାତ୍ର ଓବିସି କର୍ମୀ ଅସୀମ ପ୍ରଧାନ ଧନ୍ୟବାଦ ଦେଇଥିଲେ।


ଜିଲାପାଳଙ୍କ ଅଫିସ ଆଗରେ ଓବିସି ମଞ୍ଚ ପକ୍ଷରୁ ସଂରକ୍ଷଣ ଚିଠା ପୋଡାଯାଉଛି।

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗଙ୍କୁ ଉପେକ୍ଷା**

## ସଂକ୍ଷେପରେ

### ନିଆରା ପରମ୍ପରା ଭାଇ ଜିଉଁନ୍ତିଆ

ସମ୍ବଲପୁର,୧୨।୧୦ (ବ୍ୟୁରୋ): ପଶ୍ଚିମ ଓଡ଼ିଶାର ନିଆରା ପରମ୍ପରା ଭାଇ ଜିଉଁନ୍ତିଆ ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମ୍ପନ୍ନ ହୋଇଛି। ଭଉଣୀମାନେ ଭାଇମାନଙ୍କ ଦୀର୍ଘାୟୁ କାମନା କରି ନିର୍ଜଳା ଉପବାସ ରହି ବ୍ରତଧାରଣ କରିଥିଲେ। ସନ୍ଧ୍ୟାରେ ନୂଆଁବସ୍ତ୍ର ପରିଧାନ କରି ଭଉଣୀମାନେ ପୂଜା ସାମଗ୍ରୀ ନେଇ ଦେବୀ ଦୁର୍ଗାଙ୍କଠାରେ ପୂଜାର୍ଚ୍ଚନା କରିଥିଲେ। ଅକ୍ଷତ ୧୦୮ ଦୁବ ଓ ଅରୁଆ ଚାଉଳ ଦେବୀ ଦୁର୍ଗାଙ୍କୁ ଛୁଆଁଇ ପୂଜା ଥାଳିରେ ରଖିଥିଲେ। ପରେ ରାତିରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ପରଦିନ ସକାଳେ ଭଉଣୀମାନେ ସ୍ନାନ କରି ଭାଇମାନଙ୍କୁ ୧୦୮ ଅକ୍ଷତ ଦୁବ ଓ ଅରୁଆ ଚାଉଳ ବନ୍ଦାଣ କରିବା ରୀତି ରହିଛି।

### ସରପଞ୍ଚ ପଦ ସଂରକ୍ଷଣ ତାଲିକାକୁ ନେଇ ବିଜେଡିର ଅସନ୍ତୋଷ

ରାଜଗାଙ୍ଗପୁର ୧୨।୧୦(ଡି.ଏନ.ଏ.): ରାଜଗାଙ୍ଗପୁର ବ୍ଲକ ସ୍ତରରେ ସରପଞ୍ଚ ପଦ ପାଇଁ ସଂରକ୍ଷିତ ହୋଇଥିବା ଆସନ ଠିକ ଭାବେ ହୋଇ ନ ଥିବାରୁ ବ୍ଲକ ବିଜେଡିରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୮ ତାରିଖ ଦିନ ରାଜଗାଙ୍ଗପୁର ବ୍ଲକ ସ୍ତରରେ ସରପଞ୍ଚ ପଦ ପାଇଁ ସଂରକ୍ଷିତ ହୋଇଥିବା ଆସନ ପ୍ରକାଶିତ ହୋଇଛି। ଏ ନେଇ ଆପତ୍ତି ଗ୍ରହଣ କରିବା ପାଇଁ ମଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜଗାଙ୍ଗପୁର ବ୍ଲକରେ ୨୦ଟି ସରପଞ୍ଚ ପଦ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି। ତନ୍ମଧ୍ୟରୁ ପୁରୁଷମାନଙ୍କ ପାଇଁ ୧୦ ଓ ମହିଳାମାନଙ୍କ ପାଇଁ ୧୦ ଗୋଟି ଆସନ ସଂରକ୍ଷିତ ରହିଛି। ବିଗତ ନିର୍ବାଚନ ରେ ମଧ ଠିକ ଏହିପରି ରହିଥିଲା। ଏଣୁ ବିଜ୍ଞପ୍ତି ପ୍ରକାଶ ପରେ ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷ ବସନ୍ତ ଟପ୍ପୋ ଓ ରାଜଗାଙ୍ଗପୁର ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର କୁଜୁର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି।

### ଜେଏସ୍‌ପିଏଲ୍‌ର ଟିଆର୍‌ବି ଖଣିକୁ କଳିଙ୍ଗ ପରିବେଶ ପୁରସ୍କାର

ଟେନସା,୧୨।୧୦(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲାର ଟେନସାଠାରେ ଥିବା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିମିଟେଡ୍(ଜେଏସପିଏଲ)ର ଟିଆରବି ଲୌହ ଖଣି, କଳିଙ୍ଗ ଉତ୍କୃଷ୍ଟ ପରିବେଶ ସମ୍ମାନ ଲାଭ କରିଛି। ଖଣି ପରିଚାଳନାରେ ସର୍ବୋତ୍କୃଷ୍ଟ ପରିବେଶ ସନ୍ତୁଳନ ଏବଂ ସୁରକ୍ଷା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଟେନସା ୟୁନିଟ ମୁଖ୍ୟ ତଥା ଜେଏସପିଏଲର ଭାଇସ ପ୍ରେସିଡେଣ୍ଟ ପ୍ରମୋଦ କୁମାର ପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ପାତ୍ର ଟେନସା ୟୁନିଟର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ ଯେ, ଏହି ପୁରସ୍କାର ଆମ ସମସ୍ତଙ୍କର ନିଷ୍ଠା ଏବଂ କାର୍ଯ୍ୟଦକ୍ଷତାର ପ୍ରତୀକ। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ମାସରେ ଟିଆରବି ଖଣି ଉତ୍ତମ ଖଣି ପରିଚାଳନା ଏବଂ ସର୍ବୋତ୍କୃଷ୍ଟ ପରିବେଶ ସନ୍ତୁଳନ ପାଇଁ ଫେଡ଼େରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ(ଫିମି) ତରଫରୁ ଉତ୍କୃଷ୍ଟତା ପୁରସ୍କାର ଲାଭ କରିଛି।

### ଭାତଲଇଡ଼ା ପଞ୍ଚାୟତକୁ ମରୁଡ଼ି ଘୋଷଣା ଦାବି

ଝାରସୁଗୁଡ଼ା ଅଫିସ,୧୨।୧୦: ଚଳିତବର୍ଷ ଅନିୟମିତ ବର୍ଷା ଯୋଗୁ ଝାରସୁଗୁଡ଼ା ଜିଲା ଭାତଲଇଡା ପଞ୍ଚାୟତରେ ଧାନଫସଲ କ୍ଷତିଗ୍ରସ୍ତ ହୋଇଛି। ଏହି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବିକରି ଶତାଧିକ ଚାଷୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ଜିଲାପାଳଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଜଳସେଚନ ସୁବିଧା, ଅତିଶୀଘ୍ର ସୋଲାର୍‌ପମ୍ପ ଯୋଗାଣ, ରବିଋତୁ ପାଇଁ ବିହନ, ସାର ଓ କୀଟନାଶକ ବିନା ମୂଲ୍ୟରେ ଯୋଗାଣ, ତେଲନ୍ ନଦୀର କାଙ୍କମାଳ ଓ ମୁରାଦାପାଲି ନିକଟରେ ୨ଟି ଆନିକଟ ନିର୍ମାଣ, କୃଷିଋଣ ଛାଡ ଆଦି ଅନ୍ୟତମ। ଦାବିପତ୍ରରେ ସ୍ଥାନୀୟ ସରପଞ୍ଚ ସୀମାନଲାଲି ପଟେଲ, ସମିତି ସଭ୍ୟା ମଧୁମିତା ପଟେଲ, କୃଷକ ସଂଘ ସଭାପତି ଶ୍ରୀବନ୍ତ ପଟେଲ, ସମ୍ପାଦକ ଏସ୍. ପଟେଲ ପ୍ରମୁଖଙ୍କ ଦସ୍ତଖତ ରହିଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ଜାମଡ଼ିପା ଚାମ୍ପିୟନ

କୁଟିଣ୍ଡା,୧୨।୧୦(ଡି.ଏନ.ଏ.)

କୁଟିଣ୍ଡା ଠିଆନାଳ ବନ ସୁରକ୍ଷା ସମିତି ଯୁବକ୍ଲବ ପକ୍ଷରୁ ଚାଲିଥିବା ଆଞ୍ଚଳିକ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୬ ଗୋଟି ଟିମ୍‌କୁ ନେଇ ହୋଇଥିବା ଟୁର୍ନାମେଣ୍ଟରେ ଜାମଡ଼ିପା ୦-୧ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ପ୍ରଦୀପ ନାଏକ, ସୁଦର୍ଶନ ବାଘ, ଦୀପକ କିସାନ ଓ ରାଜୁ ବାବୁ ପ୍ରମୁଖ ପରିଚାଳନା କରିଥିଲେ। ସରୋଜ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅବସର ପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ସରପଞ୍ଚ ବିଶାଖା କିସାନ ଓ ଗ୍ରାମ୍ୟ କମିଟି ସଭାପତି ଦୁଷ୍ମନ୍ତ ବାଘ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଜାମଡ଼ିପା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଓ ରନର୍ସଅପ ଲାଙ୍ଗୁଲା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ। କ୍ଲବ ସଭାପତି ଅଭୟ ପାଣିଗ୍ରାହୀ, ସମ୍ପାଦକ ଶ୍ରୀତମ କିଶାନ, କୋଷାଧ୍ୟକ୍ଷ ପ୍ରମୋଦ କିଶାନ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ରାଜରାସ୍ତା ମରାମତି ନ ହେଲେ ଆନ୍ଦୋଳନ

ଜମନକିରା,୧୨।୧୦(ଡି.ଏନ.ଏ.)

ଜମନକିରା ବ୍ଲକ୍ ଛକଠାରୁ ନୂତନ ଥାନା ପର୍ଯ୍ୟନ୍ତ ରାଜରାସ୍ତା ଶୋଚନୀୟ ହୋଇପଡିଛି। ଆସନ୍ତା ୭ଦିନ ମଧ୍ୟରେ ଏହା ମରାମତି ନ ହେଲେ ଆନ୍ଦୋଳନ କରିବାକୁ ବରିଷ୍ଠ ନାଗରିକ କମିଟି ଚେତାବନୀ ଦେଇଛି।

ସୂଚନା ଅନୁସାରେ, ଏନ୍‌ଏଚ୍‌ଏଆଇ ସମ୍ବଲପୁର ପକ୍ଷରୁ ଜମନକିରା ରାଜରାସ୍ତା ୫୩ର ନିର୍ମାଣ କାମ ଚାଲିଛି। ବ୍ଲକ୍ ସଦର ମହକୁମାରେ ବାଇପାସ ରାସ୍ତା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପୁରୁଣା ଟାଉନ ରାସ୍ତା ଦେଇ ପ୍ରତ୍ୟହ ଶହ ଶହ ଭାରିଯାନ ଯାତାୟାତ କରୁଛି। ତେବେ ମରାମତି କାମ ଠିକ୍‌ରେ କରାଯାଉ ନ ଥିବାରୁ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏଥିଯୋଗୁ ଛୋଟବଡ ଦୁର୍ଘଟଣା ଘଟି ଲୋକଙ୍କ ମୃତ୍ୟୁ ଘଟୁଥିବା ନଜିର ରହିଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ଓ ସମ୍ପୃକ୍ତ ଠିକା ସଂସ୍ଥା କର୍ଣ୍ଣପାତ କରୁନାହାଁନ୍ତି। ଏବେ ପାର୍ବଣ ସମୟରେ ବହୁ ସଂଖ୍ୟାରେ ଯାତ୍ରୀ କାର୍ଯ୍ୟ କ୍ଷେତ୍ରରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଫଳରେ ଦୁର୍ଘଟଣା ଆଶଙ୍କାକୁ ଏଡାଇ ଦିଆଯାଇ ପାରୁନି। ଏପରିସ୍ଥଳେ ବରିଷ୍ଠ ନାଗରିକମାନେ ବୈଠକ କରି ଆସନ୍ତା ୭ଦିନ ମଧ୍ୟରେ ରାସ୍ତା ମରାମତି କାମ ନ କଲେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାଯାଇଛି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପିଡ଼ି କେ.ଏନ୍. ରାଓଙ୍କୁ ପଚାରିବାରୁ ସେ ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।


ବ୍ଲକଛକରୁ ନୂତନ ଥାନା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଲହୁଣୀପଡ଼ା,୧୨।୧୦(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରସୁଆଁ ଖେଳପଡିଆ ଠାରେ ବରସୁଆଁ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତିନିଦିନିଆ ବ୍ଲକସ୍ତରୀୟ ସୁପର-୮ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାର ଫାଇନାଲ ମ୍ୟାଚରେ ଲହୁଣୀପଡ଼ା (ଖ) ଦଳ ତାଳବାହାଲି ଦଳକୁ ଭେଟିଥିଲେ। ଲହୁଣୀପଡ଼ା(ଖ) ଦଳ ଟସ ଜିତି ପ୍ରଥମେ ଷ୍ଟ୍ରାଇକ ନେଇ ନିର୍ଦ୍ଧାରିତ ଆଠ ଓଭରରେ ଚାରି ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ତାଳବାହାଲି ଦଳ ମାତ୍ର ୬୪ ରନ କରି ଅଲଆଉଟ ହୋଇ ଯାଇଥିଲେ। ଲହୁଣୀପଡା(ଖ) ଦଳ ଚାମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବଣାଇଁ ଭାଜପା ସାଙ୍ଗଠନିକ ଜିଲାର ସାଧାରଣ ସମ୍ପାଦକ ଅଭିରାମ ମହାକୁଡ, ସମ୍ପାଦକ ବାଗୁନ ଗାଗରାଇ, ସଶ୍ୟକଳା ସରପଞ୍ଚ ସୁଶିଳା ଟପ୍ପୋ, ଆରଏମଏସର ସାଧାରଣ ସମ୍ପାଦକ ରାଜେଶ ବେହେରା ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ପୁରସ୍କାର ବିତରଣ କରିଥିଲେ।

## ବନ୍ଧବାହାଲ ଧନୁଯାତ୍ରା କମିଟି ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ଅଫିସ,୧୨।୧୦

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା କମିଟି ତରଫରୁ ସୋମବାର ନିରଞ୍ଜନ କରାଳୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଧନୁଯାତ୍ରା ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ କୋଭିଡ୍ କଟକଣା ଯୋଗୁ ୨ବର୍ଷ ହେଲା ପାରମ୍ପରିକ ରୀତିନୀତି ଅନୁଯାୟୀ ଯାତ୍ରା ପାଳନ କରାଯାଉଛି। ଚଳିତବର୍ଷ ସରକାରୀ ନିୟମକୁ ଦୃଷ୍ଟିରେ ରଖି ଯାତ୍ରା ଅନୁଷ୍ଠିତ ହେବ। ବୈଠକରେ କମିଟି ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ କରାଳୀ, ଉପସଭାପତି ସଞ୍ଜୟ ସିଂହ, ସହକାରୀ ସମ୍ପାଦକ ବିଜୟ ପତି, ଉପଦେଷ୍ଟା ସୌକି ପ୍ରଧାନ, ସହଉପଦେଷ୍ଟା ବିରଞ୍ଚି ପ୍ରଧାନ, ଜଗନ୍ନାଥ କଉଡି ପ୍ରମୁଖ ଉପସ୍ଥିତ ଥିଲେ।

## ଜୟପ୍ରକାଶ ନାରାୟଣ ଜୟନ୍ତୀ

ସମ୍ବଲପୁର,୧୨।୧୦(ବ୍ୟୁରୋ)

ଜନନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ମଙ୍ଗଳବାର ହୋଟେଲ ଓଲିଭ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଭାଜପାର ପୂର୍ବତନ ସମ୍ବଲପୁର ଜିଲା ସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ପରିଚାଳନାରେ ସଭା ହୋଇଥିଲା। ମିଳନ ମହାରଣା, ଶ୍ରୀକାନ୍ତ ପାଣିଗ୍ରାହୀ, ରଞ୍ଜିତ ରଥ, ପ୍ରଦୀପ ସୁପକାର, ସୁରେନ୍ଦ୍ର ବିଶ୍ୱାଳ, ସୁଜିତ ମିଶ୍ର, ଅରବିନ୍ଦ ନାୟକ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଜୟପ୍ରକାଶଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ।

## ବଡ଼ଭାଇର କୋଦାଳ ବେଣ୍ଟ ମାଡ଼ରେ ସାନଭାଇର ମୃତ୍ୟୁ

ଲହୁଣୀପଡ଼ା,୧୨।୧୦(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ ପୁରୁଣାପାଣି ପଞ୍ଚାୟତ ଜୁନିଆନି ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଜମି ସମତୁଲକୁ କେନ୍ଦ୍ର କରି ବଡଭାଇର କୋଦାଳ ବେଣ୍ଟ ମାଡ଼ରେ ସାନଭାଇର ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ, ଜୁନିଆନି ଗ୍ରାମର ପ୍ରଧାନ ମୁଣ୍ଡା(୪୮) ସକାଳ ପ୍ରାୟ ୯ଟା ସମୟରେ ଜେସିବି ମେଶିନ ସାହାଯ୍ୟରେ ଜମି ସମତୁଲ କରୁଥିଲେ। ଏହି ଖବର ପାଇ ତାଙ୍କ ବଡଭାଇ ସେଠାରେ ପହଞ୍ଚି ପ୍ରଧାନଙ୍କୁ କାହା ଅନୁମତିରେ କାମ କରୁଛୁ ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ବଡଭାଇ ଉତ୍ତ୍ୟକ୍ତ ହୋଇ ଏକ କୋଦାଳ ବେଣ୍ଟରେ ପ୍ରଧାନଙ୍କ କାନ ମୁଣ୍ଡାରେ ପ୍ରହାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କୋଦାଳ ବେଣ୍ଟକୁ ଜବତ କରିବା ସହିତ ବଡ଼ଭାଇଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି।

# ଜେଏମ୍‌ଏଫ୍‌ସି କୋର୍ଟ ଖୁବ୍‌ଶୀଘ୍ର: ହାଇକୋର୍ଟ ଜଷ୍ଟିସ୍


ଜଷ୍ଟିସ୍ କେ.ସି. ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

ଝାରସୁଗୁଡ଼ା ଅଫିସ,୧୨।୧୦

ହାଇକୋର୍ଟ ଜଷ୍ଟିସ୍ ତଥା ଝାରସୁଗୁଡ଼ା ପ୍ରଭାରୀ କେ.ସି. ମହାପାତ୍ର ମଙ୍ଗଳବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ଫେରିଯାଇଛନ୍ତି। ଏହି ଗସ୍ତ ସମୟରେ ତାଙ୍କୁ କୋର୍ଟ ଓ ବାର୍ ଆସୋସିଏଶନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ କୋର୍ଟ ପରିସରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏ ନେଇ ଜଷ୍ଟିସ୍ ମହାପାତ୍ର ଜିଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଏଡିଜେ, ଜେଏମ୍‌ଏଫ୍‌ସି ଓ ରେଜିଷ୍ଟ୍ରାରଙ୍କ ସହିତ କୋର୍ଟ ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ଜିଲା ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜିଲାର ଲଖନପୁର, ଲଇକେରା ଓ କିର୍ମିରାରେ ଖୋଲିବାକୁ ଥିବା ଜେଏମ୍‌ଏଫ୍‌ସି କୋର୍ଟ ବହୁଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜଷ୍ଟିସ୍ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ବାର୍‌ର କେତେକ ସମସ୍ୟା ସମ୍ପର୍କରେ ଆସୋସିଏଶନ କର୍ମକର୍ତ୍ତା ଜଷ୍ଟିସ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଆଲୋଚନା ସମୟରେ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଉପସଭାପତି ରାଧାକାନ୍ତ ସା, କୋଷାଧ୍ୟକ୍ଷ ସଞ୍ଜୟ ପ୍ରଧାନ, ବରିଷ୍ଠ ଆଇନଜୀବୀ ଲୋକନାଥ ଗୁରୁ, କିଶୋର ଚନ୍ଦ୍ର ପଟେଲ ଓ ସନ୍ଦିପ ଅଗସ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣେଶ୍ୱରୀଙ୍କ ସୁନାବେଶ

ସମ୍ବଲପୁର,୧୨।୧୦ (ବ୍ୟୁରୋ)

ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପରମ୍ପରା ଓ ରୀତିନୀତି ସହ ସମ୍ବଲପୁରର ମା' ପାଟଣେଶ୍ୱରୀଙ୍କ ସୁନା ବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ସାଢ଼େ ୨ଟାରେ ଦେବୀଙ୍କ ମୁଖ୍ୟ ଦ୍ୱାର ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା। ଭକ୍ତମାନେ ଦେବୀଙ୍କ ସୁନା ବେଶ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ରମେଶ ପୁରୋହିତ, ଦଧିବାମନ ପଣ୍ଡା ଦେବୀଙ୍କ ବେଶ କରିଥିଲେ। ମନ୍ଦିର ଟ୍ରଷ୍ଟ ସଭ୍ୟ ପ୍ରମୋଦ ଲାଠ, ପ୍ରଦିପ ମିଶ୍ର, ବିରେନ୍ଦ୍ର ତ୍ରିପାଠୀଙ୍କ ସମେତ ଟ୍ରଷ୍ଟ ସଭ୍ୟମାନେ ଉପସ୍ଥିତ ଥିଲେ। ଏହାକୁ ମହାଗୌରୀ ବେଶ ମଧ କୁହାଯାଇଥାଏ।



# ସରିଲା ଖଣ୍ଡାଧୁଆ, ଦଶମୀରେ ରଣଜିତା

ସମ୍ବଲପୁର,୧୨।୧୦(ବ୍ୟୁରୋ)

ଶାରଦୀୟ ଦଶହରା ପୂଜା ସମ୍ବଲପୁର ଇଷ୍ଟଦେବୀ ସମଲେଶ୍ୱରୀଙ୍କ ମହାଅଷ୍ଟମୀ ତିଥିରେ ଖଣ୍ଡାଧୁଆ ନୀତି ପାଳନ ହୋଇଛି। ସନ୍ଧ୍ୟା ୬ଟାରେ ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖରେ ପୂଜକମାନେ ମନ୍ଦିର ପରିସରରୁ ଦେବୀଙ୍କ ଖଣ୍ଡା ଓ ଝଣ୍ଡା ନେଇ ଶୋଭାଯାତ୍ରାରେ ମହାନଦୀ ମଛିନ୍ଦ୍ର ଘାଟରେ ପହଞ୍ଚିଥିଲେ। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଖଣ୍ଡାକୁ ପୂଜା କରିଥିଲେ। ପରେ ମହାନଦୀ ଜଳରେ ଖଣ୍ଡା, ଝଣ୍ଡା ଧୋଇଥିଲେ। ପୁଣି ଶୋଭାଯାତ୍ରାରେ ମନ୍ଦିର ପରିସରକୁ ଫେରିଥିଲେ। ମନ୍ଦିର ଗମ୍ଭିରାରେ ମାଁଙ୍କ ପାଖରେ ସମସ୍ତ ଅସ୍ତ୍ରଶସ୍ତ୍ର ରଖାଯାଇ ପୂଜା କରାଯାଇଥିଲା। ବିଳମ୍ବିତ ରାତିରେ କୁଳପୁରୋହିତ କିଶୋରଚନ୍ଦ୍ର ପୁରୋହିତ ସନ୍ଧି ପୂଜା କରିଥିଲେ। ଏଥିସହ ପ୍ରତ୍ୟେକ ପୂଜକ ନିଜଘରେ ଖଣ୍ଡାଧୁଆ ରୀତି ପାଳନ କରିଥିଲେ। ସେମାନେ ଦଶମୀ ତିଥିରେ ଏହି ଖଣ୍ଡାକୁ ନେଇ ଆଖଡ଼ାରେ ପ୍ରଦର୍ଶନ କରନ୍ତି। ରଞ୍ଜିତା ପରମ୍ପରା ଦଶମୀ ତିଥିରେ ହୋଇଥାଏ। ଚଳିତବର୍ଷ କୋଭିଡ୍ କଟକଣା ସହ ଏହା ପାଳନ କରାଯିବ ବୋଲି ସୂଚନା ଦିଆଯାଇଛି।


ସମ୍ବଲପୁର ମହାନଦୀ ଘାଟରେ ଖଣ୍ଡାଧୁଆ ପରମ୍ପରା ପାଳନ କରାଯାଉଛି।

# ସୁନ୍ଦରଗଡ଼: ୧୨ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା


ସୁନ୍ଦରଗଡ ସହର ରଙ୍ଗାଡିପା ପୂଜା ମଣ୍ଡପ।

ସୁନ୍ଦରଗଡ,୧୨।୧୦(ଡି.ଏନ୍.ଏ.)

ଧରାବତରଣ କରିଛନ୍ତି ଜଗତଜନନୀ ମା' ଦୁର୍ଗା। ଚଳିତବର୍ଷ କୋଭିଡ କଟକଣା ମଧ୍ୟରେ ଆୟୋଜିତ ଶାରଦୀୟ ଦୁର୍ଗାପୂଜା ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ପୂଜା ଯଥାରୀତିରେ ଆରମ୍ଭ ହୋଇଛି। ସୁନ୍ଦରଗଡ ସହରରେ ଇବ୍‌ନଗର, ରଙ୍ଗାଡ଼ିପା, ହସ୍ପିଟାଲ ଛକ, ରିଜେଣ୍ଟ ମାର୍କେଟ ,ଦୟା ଧର୍ମଶାଳା ସମେତ ୧୨ଟି ପୂଜାମଣ୍ଡପରେ ନିରାଡମ୍ବର ଭାବରେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। ଷଷ୍ଠୀ ତିଥି ବିଲ୍ୱବରଣରେ ମା'ଙ୍କ ଆବାହନୀ ପରେ ମଙ୍ଗଳବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧିକାଂଶ ପୂଜାମଣ୍ଡପରେ ପଶ୍ଚିମ ଓଡିଶାର ଭାଇ ଜିଉଁତିଆ ପାଳିତ ହୋଇଥିଲା। ପୂଜକଙ୍କ ଚଣ୍ଡୀପାଠରେ ମୁଖରିତ ହୋଇଛି ପୂଜା ମଣ୍ଡପ। ଏଥିସହ ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖ ବାଦ୍ୟରେ ଦୁଲୁକି ଉଠୁଛି ମଣ୍ଡପ। ସେହିପରି ରାଜବାଟୀସ୍ଥିତ ସମଲେଶ୍ୱରୀ ମନ୍ଦିର, ମହାନ୍ତିଆପଡାସ୍ଥିତ ସମଲାଇ ମନ୍ଦିର ଓ ଶଙ୍କରା ବନଦୁର୍ଗା ମନ୍ଦିରରେ ଇବ୍ ନଗର ପୂଜା କମିଟି ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ଚଳିତବର୍ଷ ୧୮ବର୍ଷରେ ପଦାର୍ପଣ କରିଛି। ଏହି କମିଟିର ସଭାପତି ଅଜିତ ପ୍ରସାଦ ଓ ସଂପାଦକ ତାରାଚାନ୍ଦ ପଟେଲଙ୍କ ତତ୍ତ୍ୱାବଧାନରେ ପୂଜକ ଭାବେ ପଣ୍ଡିତ ଜଗଦୀଶ ଠାକୁର,ପଣ୍ଡିତ ହେମନ୍ତ ଠାକୁର ଓ ପ୍ରୀତିଶ ମିଶ୍ର ପୂଜକ ଭାବେ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ମନୋଜ ପାଟଯୋଶୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

## ଗାଡ଼ି ଧକ୍କାରେ ପଥଚାରୀ ମୃତ

ଝାରସୁଗୁଡ଼ା ଅଫିସ,୧୨।୧୦

ଝାରସୁଗୁଡ଼ା ଜିଲା ବଡମାଲ ଥାନା ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍ ଖେରୁଆଲ୍ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ପଥଚାରୀ ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ବଣେଇ ଅଞ୍ଚଳର ହାଡିବନ୍ଧୁ ପାତ୍ର (୩୮)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବଡମାଲ ଥାନାରେ ଏକ ମାମଲା (ନଂ୧୮୭/୨୧) ରୁଜୁ ହୋଇଛି। ହାଡିବନ୍ଧୁ ସ୍ଥାନୀୟ ଏକ ଟ୍ରାନ୍ସପୋର୍ଟରେ କାମ କରନ୍ତି। ସେ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ କୌଣସି ଗାଡି ତାଙ୍କୁ ଧକ୍କାଦେଇ ଫେରାର୍ ହୋଇଯାଇଥିଲା।

**ପୂଜା ପାଇଲେ ମା' ଅଷ୍ଟଭୂଜା**

**ରାଉରକେଲା ଅଫିସ:** ରାଉରକେଲାର ବିଭିନ୍ନ ପୂଜା ମଣ୍ଡପରେ ମା' ଅଷ୍ଟଭୂଜାଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ସୋମବାର ଷଷ୍ଠୀ ପୂଜାରେ ମା'ଙ୍କୁ ବେଲବରଣୀ ସହ ଘଟ ସ୍ଥାପନ କରାଯାଇଥିଲା। ସପ୍ତମୀରେ ମା'ଙ୍କ ଆରାଧନା, ଧ୍ୟାନ, ଅଙ୍କୁରାରୋପଣ କରାଯାଇଥିଲା। ସହରର ବୈଷ୍ଣୋଦେବୀ ମନ୍ଦିର ପରିସରରେ ମା'ଙ୍କ ସପ୍ତମୀ ପୂଜା ହୋଇଛି। ଅଷ୍ଟମୀ, ନବମୀ ଓ ଦଶମୀ ପୂଜାରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଜଣାପଡ଼ିଛି।

# ରାସ୍ତାକଡ଼ରେ ପଡିଛି କୁଢ଼ କୁଢ଼ ଔଷଧ

**ଝାରସୁଗୁଡ଼ା ଅଫିସ,୧୨।୧୦**

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ସରକାର ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେଶନ ଲିମିଟେଡ୍ (ଓଏସ୍ଏମ୍ସିଏଲ୍) ଗଠନ କରିଛନ୍ତି। ଏହା ଦ୍ୱାରା ନିରାମୟ ଯୋଜନାରେ ଲୋକଙ୍କୁ ଚିକିତ୍ସା ସହିତ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି। ଅନେକ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ରୋଗୀ ଏହି ସରକାରୀ ଔଷଧ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ରୋଗୀଙ୍କୁ ଦିଆ ନ ଯାଇ ନଷ୍ଟ କରିଦିଆଯାଉଛି। ଏଭଳି ଘଟଣା ଝାରସୁଗୁଡ଼ା ଜିଲା ସଦର ମହକୁମାରେ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକେ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟ ପରିଚାଳନାରେ ତ୍ରୁଟି ହେଉଥିବା ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା ବିକାଶ ସ୍କୁଲ ନିକଟ ରାସ୍ତା କଡରେ କୁଢ କୁଢ ଔଷଧ ପଡିରହିଛି। ଏଥିରେ ଓଏସ୍ଏମ୍ସିଏଲ୍ର ଔଷଧ ରହିଥିବାଦେଖିବାକୁ ମିଳିଛି। ଏଥିମଧ୍ୟରେ


ରାସ୍ତାକଡରେ ପଡିଥିବା କୁଢ କୁଢ ଅଧାପୋଡ଼ା ଔଷଧ।

ଆଣ୍ଟିବାଓଟିକ୍, ପାରାସିଟାମଲ୍, ଭିଟାମିନ୍ ବି କମ୍ପ୍ଲେକ୍ସ, ଡିକ୍ଲୋଫେନ୍ସ ସିରପ ଓ ଇଞ୍ଜେକ୍ସନ, ସାନିଟାଇଜର୍ ଆଦି ରହିଛି। କେତେକ ଔଷଧର ଏକ୍ସପାଏରୀ ଡେଟ୍ ୨୦୨୧ ଅଗଷ୍ଟ, ସେପ୍ଟେମ୍ବର ରହିଥିବାବେଳେ ଆଉ କେତେକର ଏକ୍ସପାଏରୀ ଡେଟ୍ ରହିଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ଟଙ୍କାର ଏହିସବୁ ଔଷଧକୁ ସ୍ପିରିଟ୍ ଢାଳି ସେଠାରେ ଅଧାପୋଡ଼ା କରି ଛାଡି ଦିଆଯାଇଛି। ଦୁର୍ଗନ୍ଧ ବାହାରୁଥିବାରୁ ଏହା ପରିବେଶକୁ ପ୍ରଦୂଷିତ କରୁଛି। ଅଞ୍ଚଳରେ ଗୋରୁ, ମଇଁଷି ଆଦି ଗୃହପାଳିତ ପ୍ରାଣୀ ବୁଲାବୁଲି କରୁଥିବାରୁ ଏମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। ରାସ୍ତାରେ ଯାଉଥିବା ଲୋକେ ନାକରେ

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲାରେ ସ୍ୱାସ୍ଥ୍ୟ ପରିଚାଳନାରେ ତ୍ରୁଟି**

ହାତ ଦେଉଥିବା ଦେଖିବାକୁ ମିଳୁଛି।

ସାମାଜିକ କର୍ମୀ ଦେବାନନ୍ଦ ବାରିକ କହିଛନ୍ତି, ଝାରସୁଗୁଡ଼ା ଜିଲାର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ସରକାରୀ ଚିକିତ୍ସାଳୟକୁ ଗଲେ କେତେବେଳେ ଚିକିତ୍ସା ଅବହେଳା ତ ଆଉ କେତେବେଳେ ଔଷଧ ନ ପାଇ ମୃତ୍ୟୁମୁଖରେ ପଡୁଛନ୍ତି। ଔଷଧ ଥାଇ ମଧ୍ୟ ରୋଗୀଙ୍କୁ ଦିଆ ନ ଯାଇ ନଷ୍ଟ କରିଦିଆଯାଉଛି । ଏଭଳି ଘଟଣା ଅନେକ ଥର ଦେଖିବାକୁ ମିଳିଛି। ଏ ନେଇ ଲୋକେ ସ୍ୱର ଉଠାଉଥିଲେ ମଧ୍ୟ ତଦନ୍ତ ବାହାନାରେ ଘଟଣାକୁ ଚାପି ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟ କହିଛନ୍ତି, ଏ ସମ୍ପର୍କରେ ତାଙ୍କୁ ଜଣାନାହିଁ। ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଚିକିତ୍ସାରେ ଅର୍ଥ ବାଧକ


କାର୍ତ୍ତିକ ପଟେଲ।

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ଜିଲା ଅତାବିରା ଏନ୍ଏସି ଅଧୀନ ୱାର୍ଡ଼ ନଂ-୧ ମାର୍କେଟ ପଡ଼ାର ବାସିନ୍ଦା କାର୍ତ୍ତିକ ପଟେଲ(୩୦)। ପରିବାର କହିଲେ ସ୍ତ୍ରୀ ସୌଭାଗ୍ୟ ମଞ୍ଜରୀ ଏବଂ ପୁଅ ମୁରଲୀ। କାର୍ତ୍ତିକ ଅତାବିରା ତହସିଲ ଛକ ପାଖରେ ଏକ ଚା' ଷ୍ଟଲ ଖୋଲି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କର ଆଉ କିଛି ରୋଜଗାର ନାହିଁ । ଗତ ପ୍ରାୟ ବର୍ଷେ ହେବ କାର୍ତ୍ତିକ କର୍କଟ ରୋଗାକ୍ରାନ୍ତ ହୋଇଛନ୍ତି । ସେ ଭୀମସାର୍ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ମାତ୍ର ଉଚ୍ଚତର ଚିକିତ୍ସା ଏବଂ ଅଧିକ ଅର୍ଥ ଆବଶ୍ୟକତା ଥିବାରୁ ଗତ ଜୁଲାଇ ୨୭ରେ ସେ ଘରକୁ ଫେରି ଆସିଥିଲେ। ସ୍ୱାମୀଙ୍କ ଚିକିତ୍ସା ପାଇଁ ସୌଭାଗ୍ୟ ମଞ୍ଜରୀ ଧାରକରଜ କରି କାର୍ତ୍ତିକଙ୍କୁ ବମ୍ବେ ନେଇଥିଲେ। କିନ୍ତୁ ଅର୍ଥାଭାବ ଯୋଗୁ ତାଙ୍କୁ ସେଠାରୁ ପୁଣି ଘରକୁ ଫେରାଇ ଆଣିଥିବା ସୌଭାଗ୍ୟ ମଞ୍ଜରୀ କହିଛନ୍ତି । ଏପର୍ଯ୍ୟନ୍ତ କାର୍ତ୍ତିକଙ୍କ ପରିବାରକୁ କୌଣସି ସରକାରୀ ସହାୟତା ମିଳିପାରିନାହିଁ। ଏବେ କାର୍ତ୍ତିକଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସୌଭାଗ୍ୟ ମଞ୍ଜରୀଙ୍କ ପାଇଁ ଦୁଃଖ ସାଜିଛି। କୌଣସି ସହୃଦୟ ଲୋକଙ୍କ ସହଯୋଗ କିମ୍ବା ସରକାରୀ ସହାୟତା ମିଳିଲେ କାର୍ତ୍ତିକ ଭଲ ହେବେ ବୋଲି ସୌଭାଗ୍ୟ ମଞ୍ଜରୀ ଆଶା ବାନ୍ଧିଛନ୍ତି ।

### ତାଲା ଭାଙ୍ଗି ଅଳଙ୍କାର ଚୋରି

**ରାଉରକେଲା ଅଫିସ,୧୨।୧୦:** ରାଉରକେଲା ଛେଣ୍ଡ ଥାନା ଅନ୍ତର୍ଗତ କଳିଙ୍ଗ ବିହାର ଅଞ୍ଚଳରେ ଜଣଙ୍କ ଘରୁ ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି ହୋଇଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ ୧୨୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ,କଳିଙ୍ଗ ବିହାର କ୍ୱାର୍ଟର୍ସ ଏଚ୍ଆଇଜି ବି/୨୫୦ରେ ବରୁଣ କୁମାର ଜେନା ସପରିବାର ବାସ କରନ୍ତି। ସୋମବାର ରାତିରେ ପରିବାର ଲୋକେ ଶୋଇଥିବାବେଳେ କିଛି ଦୁର୍ବୃତ୍ତ ତାଙ୍କ ଘର ପଛ କବାଟ ଭାଙ୍ଗି ପଶିଥିଲେ ଏବଂ ଆଲମିରା ତାଡି ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ନେଇଯାଇଥିଲେ। ମଙ୍ଗଳବାର ସକାଳେ ଏ ନେଇ ଜଣାପଡିବା ପରେ ବରୁଣ ଥାନାରେ ଅଭିଯୋଗ କରିଥିଲେ।

### ଜାତୀୟ ଡାକ ସପ୍ତାହ ପାଳିତ

**ରାଉରକେଲା ଅଫିସ,୧୨।୧୦:** ରାଉରକେଲା ସେକ୍ଟର-୧୯ ସ୍ଥିତ ଡାକଘର ପକ୍ଷରୁ ଜାତୀୟ ଡାକ ସପ୍ତାହ ପାଳିତ ହୋଇଛି। ଏଥିରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କୌଶଲ୍ୟା ଭିତିରିଆ ଯୋଗଦେଇ ବିଭିନ୍ନ ଜମାକାରୀଙ୍କୁ ଡାକ ବିଭାଗର ସରଳ ଓ ସୁବିଧା ଯୋଜନା ବିଷୟରେ ଅବଗତ କରାଇଥିଲେ। ଡାକଘରର ମୁଖ୍ୟ ପୋଷ୍ଟମାଷ୍ଟର ତରଣୀସେନ ଭୋସାଗରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଲଡୁକରିଆ ମାଝି ବଂଶଜଙ୍କ ନୂଆଁଖାଇ ଭେଟ୍ଘାଟ୍

**କୋକସରା,୧୨।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସୁପାଡ଼ଠାରେ କାଶ୍ୟପ ଗୋତ୍ରୀୟ ଲଡୁକରିଆ ମାଝି ବଂଶଜ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିର ପଡ଼ୋଶୀ ନବରଙ୍ଗପୁର, କୋରାପୁଟ ସହ ଛତିଶଗଡ଼ ରାଜ୍ୟରୁ ଲଡୁକରିଆ ମାଝି ବଂଶଜ ପରିବାର ବରିଷ୍ଠ ସଦସ୍ୟ ଓ ପରିବାରବର୍ଗ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରାଧ ଦେବାତା ଭୈରବ ଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ନୂଆ ଚୁଡାଭୋଗ ଲଗାଇ ସମସ୍ତ ବଂଶଜ ଏକାଠି ନୂଆଁ ଖାଇଥିଲେ। ପରେ ଜୁହାର ଭେଟ ହେବା ସହ ଲଡୁକରିଆ ମାଝି ସମାଜ ପରମ୍ପରା, ସଂସ୍କୃତି ଚଳଣି ଉନ୍ନତି ପାଇଁ ସାମାଜିକସ୍ତରରେ ଏକାଗ୍ରତା ଉପରେ ମତ ପ୍ରକାଶ ପାଇଥିଲା। ସମାଜରେ ଶିକ୍ଷା, ସଂସ୍କାର ଆଣିବା ସହ କୁସଂସ୍କାର, ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଲଡୁକରିଆ ମାଝି ବଂଶଜ ସମାଜ ସଭାପତି ବନମାଳୀ ମାଝି, ମୁଖ୍ୟବକ୍ତା ଭାବେ ତୋଫାନ ମାଝି, ମୁଖ୍ୟ ପୁରୋଧା ପ୍ରଫୁଲ୍ଲ ମାଝି, ମହେନ୍ଦ୍ର ମାଝି, ବିନୋଦ ମାଝି, ରଘୁ ମାଝି, ଚନ୍ଦନ ମାଝି, ପରକ୍ଷିତ ମାଝି, ରତ୍ନାକର ମାଝି ପ୍ରମୁଖ ସାମାଜିକ ସଦସ୍ୟ ଉପସ୍ଥିତ ରହିଥିଲେ।

## ସୋନପୁର-ବିନିକା ରାସ୍ତାରେ ଟୋଲ ଟ୍ୟାକ୍ସ ଆଦାୟ ବନ୍ଦ ଦାବି

**ସୋନପୁର,୧୨।୧୦(ନି.ପ୍ର.)**

ସୋନପୁର-ବିନିକା ରାସ୍ତାର ଅଙ୍ଗନଦୀରେ ପ୍ରାୟ ୨୧ବର୍ଷ ପୂର୍ବରୁ ସେତୁ ନିର୍ମାଣ ହୋଇଥିଲା। ସେହି ଦିନଠାରୁ ଓଡିଶା ବ୍ରିଜ୍ କନଷ୍ଟ୍ରକଶନ୍ କୋର୍ପୋରେଶନ(ଓବିସିସି) ଟୋଲ ଟ୍ୟାକ୍ସ ଆଦାୟ କରୁଛି। ଦୀର୍ଘବର୍ଷ ଧରି ଏଠାରେ ଟୋଲ ଟ୍ୟାକ୍ସ ଆଦାୟ ହେଉ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରାୟ ୩ରୁ ୪କୋଟି ଟଙ୍କା ବ୍ୟୟରେ ସେତେବେଳେ ଏହି ସେତୁ ନିର୍ମାଣ ହୋଇଥିଲା। ସେତୁ ପୁରୁଣା ହୋଇ କଂକ୍ରିଟ୍ ଖଣ୍ଡ ଖସିବାକୁ ବସିଲାଣି। କିନ୍ତୁ ଟ୍ୟାକ୍ସ ଆଦାୟ ବନ୍ଦ ହୋଉ ନଥିବାରୁ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଏହି ରାସ୍ତାରେ ପ୍ରତ୍ୟହ ଶତାଧିକ ଚାରିଚକିଆ ଓ ଭାରିଯାନ ଯାତାୟତ କରୁଛି। ରାଜନେତା, ଭିଆଇପି ଓ ବରିଷ୍ଠ ଅଧିକାରୀ ଟ୍ୟାକ୍ସ ଦେଉ ନଥିବା ବେଳେ ଜନସାଧାରଣ ଅଯଥାରେ ଟଙ୍କା ଦେଉଛନ୍ତି। ତେଣୁ ଟୋଲ ଗେଟ୍କୁ ତୁରନ୍ତ ବନ୍ଦ କରିବା ପାଇଁ ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ବଳଦେବ ପ୍ରସାଦ ବେଦ୍ବାକ ଦାବି କରିଛନ୍ତି। ପୂର୍ବରୁ ଅଞ୍ଚଳବାସୀ ଅନେକ ଥର ଜିଲା ପ୍ରଶାସନ ସହ ଆଲୋଚନା କରି ବେଆଇନ ଭାବେ ଚାଲିଥିବା ଟୋଲଗେଟ୍ ବନ୍ଦ ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଜନସାଧାରଣଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

## ମା' ପାଟଖଣ୍ଡା, ସର୍ବମଙ୍ଗଳାଙ୍କ ଛତରଯାତ୍ରା

**ମଦନପୁର/କୋକସରା, ୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରରେ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା ସ୍ଥାନୀୟ ପାଟଖଣ୍ଡା ମନ୍ଦିରରେ ମଙ୍ଗଳବାର ପାଳିତ ହୋଇଯାଇଛି। ମ.ରାମପୁର ରାଜ ପରିବାରରୁ ମହେନ୍ଦ୍ରାଦିତ୍ୟ ସିଂଦେଓ, ପୃଥ୍ୱୀରାଜ ସିଂଦେଓ, ଭୁବନ ମୋହନ ସିଂଦେଓ ଯାତ୍ରାରେ ଉପସ୍ଥିତ ଥିଲେ। ମୁଖ୍ୟ ଢୁଲିଆ ଭାବେ ପାର୍ଥ ମହାନନ୍ଦ ଥିବା ବେଳେ ଲକ୍ଷ୍ୟା ମହାନନ୍ଦ, ଜୟରାମ ମହାନନ୍ଦ, ଶତ୍ରୁଘନ ମହାନନ୍ଦ, ସରପଞ୍ଚ ରାଜେଶ ଧଙ୍ଗଡାମାଝି, ସହଦେବ ପାଢୀ ଓ ବିରାଟ ମୁଣ୍ଡଛିନାଙ୍କ ସହ ୱାର୍ଡ ସଭ୍ୟାସଭ୍ୟ ତଥା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସରକାରଙ୍କ କୋଭିଡ୍ ନିୟମ ଅନୁସାରେ ଛତର ଯାତ୍ରା ସମ୍ପନ୍ନ ହୋଇଥିଲା। ସେହିପରି କୋକସରା ବ୍ଲକ ଚିଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା' ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା ମଙ୍ଗଳବାର କୋଭିଡ୍ କଟକଣା ଭିତରେ ସମ୍ପନ୍ନ ହୋଇଯାଇଛି। ପ୍ରଶାସନର


ଚିଲିଗୁଡାରେ ମା' ସର୍ବମଙ୍ଗଳାଙ୍କ ବାର୍ଷିକ ଛତରଯାତ୍ରା।

ନିର୍ଦ୍ଦେଶ ଅନୁସାରେ ଚଳିତବର୍ଷ କୋଭିଡଡ୍ କଟକଣା ଯୋଗୁ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଗହଣରେ ମା'ଙ୍କ ଛତର ଯାତ୍ରା ସମାପନ ହୋଇଛି। ପୂର୍ବାହ୍ନ ୧୦ଟାରେ ମା'ଙ୍କ ଛତର ଗାଁ ଗହନ୍ତିଆଙ୍କ ଘରୁ ପୂଜାର୍ଚ୍ଚନା ପରେ ବାହାରି ପ୍ରାୟ ୨ କି.ମି. ରାସ୍ତା ପୂଜକ ସେବାୟତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ମୁଖ୍ୟ ମନ୍ଦିରରେ ପହଞ୍ଚିବା ପରେ ମା'ଙ୍କୁ ବାଟ ବରଣ ସହ ପାଛୋଟି ନେଇଥିଲେ। ସେବାୟତ ମା' ସର୍ବ ମଙ୍ଗଳାଙ୍କ ପୂଜକ ମନ୍ଧର ପୂଝାରୀ, ଶିରା କୈଳାଶ ଚନ୍ଦ୍ର ସିଂ, ସେବକ ଲୋକନାଥ ଗୋପାଳ ମା'ଙ୍କ ଛତର ଯାତ୍ରା ମୁଖ୍ୟ ପୁରୋଧା ଭାବେ ସମସ୍ତ ନୀତିକାନ୍ତି ତୁଲାଇଥିଲେ। ଛତର ଯାତ୍ରା ଚିଲିଗୁଡା ଗ୍ରାମ୍ୟ ପୂଜା କମିଟି ପକ୍ଷରୁ ସଭାପତି ଶୋଭାଚନ୍ଦ୍ର ହଂସ, ସାଧାରଣ ସମ୍ପାଦକ ବିଶେକ ସିଂହ, ସହସମ୍ପାଦକ ବିଦ୍ୟାଧର ଗହୀର, ଧନେଶ୍ୱର ଗୋପାଳ, ରଜନୀକାନ୍ତ ପଣ୍ଡା, ସୁବୋଧ ପଣ୍ଡା, ନରେନ୍ଦ୍ର ସିଂ, ରବିଚନ୍ଦ୍ର ନିଆଲ ଓ ଗ୍ରାମବାସୀ ସମସ୍ତେ ଉପସ୍ଥିତ ରହିଥିଲେ। ମା'ଙ୍କ ଛତର ଯାତ୍ରା ଶୃଙ୍ଖଳିତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଜିଲା ତୈଳିକ ବୈଶ୍ୟ ସମାଜ ବୈଠକ

**କର୍ଲାମୁଣ୍ଡା,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଡଙ୍ଗରମୁଣ୍ଡାଠାରେ ଜିଲା ତୈଳିକ ବୈଶ୍ୟ ସମାଜ ବୈଠକ ରଘୁମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ୍ୟା ନମିତା ରାଣୀ ସାହୁ, ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ, ଜିଲା ସମ୍ପାଦକ ତୁଲେଶ୍ୱର ସାହୁ, ଅଡିଟର ମହାଦେବ ସାହୁ, ବରିଷ୍ଠ ଉପଦେଷ୍ଟା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ବଲାଙ୍ଗୀର ଜିଲା ସକ୍ରିୟ ସଦସ୍ୟ ଜୟରାମ ସାହୁ, ଡଙ୍ଗରମୁଣ୍ଡାର ମୋହନ ସାହୁ, ଲେଖାମଣି ସାହୁ ଓ ବ୍ଲକ ସମ୍ପାଦକ ପ୍ରମୋଦ ସାହୁ ମଞ୍ଚାସୀନ ଥିଲେ। ମ.ରାମପୁର, କୋକସରା, କେସିଙ୍ଗା, ଲାଞ୍ଜିଗଡ଼, ନର୍ଲା ଓ କର୍ଲାମୁଣ୍ଡା ବ୍ଲକ କମିଟିରୁ ସଭାପତି, ସମ୍ପାଦକ ଓ ସକ୍ରିୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ଜାତି ଭାଇମାନଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଗତ ବୈଠକର ବିବରଣୀ ଜିଲା ସମ୍ପାଦକ ପାଠ କରିଥିଲେ। ବ୍ଲକସ୍ତରୀୟ କମିଟିରେ ମହିଳାଙ୍କୁ ସାମିଲ, ବିଭିନ୍ନ କ୍ଷେତ୍ରରେ କୃତୀ ଜାତି ଭାଇ, ଭଉଣୀଙ୍କୁ ସମ୍ମାନିତ କରିବା, ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା କରିବା, ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପଛୁଆ ବର୍ଗଙ୍କୁ ଆସନ ସଂରକ୍ଷଣ, ବ୍ଲକସ୍ତରରେ ସାମାଜିକ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ବିକାଶ ଉପରେ ଆଲୋଚନା କରାଯାଇଛି। ମଞ୍ଚ ପରିଚାଳନା ବିଜୁ କୁମାର ସାହୁ କରିଥିବା ବେଳେ ସମ୍ପାଦକ ତୁଲେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ରବି ସାହୁ, ସୁଶାନ୍ତ ସାହୁ, ଭୁବନ ସାହୁଙ୍କ ସମେତ ଡଙ୍ଗରମୁଣ୍ଡା ଗ୍ରାମର ମହିଳା ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ନଭେମ୍ବର ୧୫ରେ ଆର୍ଏସ୍ପିରେ ନିର୍ବାଚନ

**ରାଉରକେଲା ଅଫିସ,୧୨।୧୦**

ରାଉରକେଲା ଆଞ୍ଚଳିକ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସୋମବାର ଡେପୁଟି ଚିଫ୍ ଲେବର କମିଶନର ଶୁକୁନ୍ତଳା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆର୍ଏସ୍ପିରେ ସ୍ୱୀକୃତି ନିର୍ବାଚନ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆର୍ଏସ୍ପିର କାର୍ଯ୍ୟରତ ୧୮ଟି ଶ୍ରମିକ ସଙ୍ଗଠନ ମଧ୍ୟରୁ ୧୭ଟି ସଙ୍ଗଠନର ୩୨ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସମସ୍ତ ସଙ୍ଗଠନ ଆରଏସପିରେ ସ୍ୱୀକୃତି ନିର୍ବାଚନ ଯଥାଶୀଘ୍ର ହେଉ ବୋଲି ମତ ରଖିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ନଭେମ୍ବର ୧୫ରେ ନିର୍ବାଚନ ହେବ ବୋଲି ବିଭାଗୀୟ ଅଧିକାରୀ ମତ ରଖିଥିଲେ। ଏହି ବୈଠକରେ ଆରଏଲସିର ସନ୍ତୋଷ ସେଠୀ, ଶିଶିର ସେଠୀ, ଆରଏସ୍ପି ଜିଏମ୍ ବିରେନ୍ଦ୍ର କୁଲୁ, ଡକ୍ଟର ପ୍ରଦୀପ ସାହୁ, ପ୍ରଦୋଷ ପଣ୍ଡା, ପ୍ରଶାନ୍ତ ବେହେରା, ଦିଲୀପ ମହାପାତ୍ର, ଶଶଧର ନାୟକଙ୍କ ସମେତ ସମସ୍ତ ୟୁନିୟନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## 'ବସ୍ତିବାସୀଙ୍କୁ ଜମିପଟ୍ଟା ଦିଆଯାଉ'

**ରାଉରକେଲା ଅଫିସ,୧୨।୧୦**

ରାଉରକେଲା ମହାନଗର ନିଗମ ୱାର୍ଡ଼ ନଂ. ୨୨ରେ ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ ଜନସମ୍ପର୍କ ଶିବିର ଓ ପଦଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଗୋପବନ୍ଧୁପାଲି ଅଞ୍ଚଳରେ ଦଳର ଆବାହକ ବିନୟ ତିୱାରୀଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ରହି ବସ୍ତିବାସୀଙ୍କୁ ସେମାନଙ୍କ ମୌଳିକ ଅଧିକାର ଓ ସମସ୍ତ ସରକାରୀ ଯୋଜନାରେ କିଭଳି ସାମିଲ ହେବେ ସେ ନେଇ ବିସ୍ତୃତ ଭାବେ


ଜନସମ୍ପର୍କ ସଭାରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

ଆଲୋଚନା କରିଥିଲେ। ସମ୍ପାଦକ ସନ୍ତୋଷ ବେହେରା, ଅମନ ସିଂ, ପୂର୍ଣ୍ଣଚନ୍ଦ୍ର ନିଆଳି, ଭାଗିରଥୀ ଧଳ, ଦଲବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଦଳର ୧୫ ଜଣ କର୍ମକର୍ତ୍ତା ଆପ୍ରେ ସାମିଲ ହୋଇଥିଲେ । ମିଡ଼ିଆ ପ୍ରଭାରୀ ସମ୍ପାଦକ ଭରତ ଚନ୍ଦ୍ର ବାଇ କାର୍ଯ୍ୟକ୍ରମ ପରିଚାଳନା ଏବଂ ଲମ୍ବୋଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଗଡ଼ ଝିଅଙ୍କୁ ସ୍ୱର୍ଣ୍ଣପଦକ

**ଦେବଗଡ଼,୧୨।୧୦(ଡି.ଏନ.ଏ)**

ରାଜସ୍ଥାନର ଜୟପୁର ସ୍ଥିତ ମାଲବ୍ୟ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି)ର ଏମ୍.ଟେକ୍ ଛାତ୍ରୀ ଶାଶ୍ୱତୀ ନନ୍ଦ ମେଟ୍ରୋଲୋଜି ଓ ମାଟେରିଆଲ ଇଞ୍ଜିନିୟରିଂ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏନ୍ଆଇଟିର ୧୫ତମ ସମାବର୍ତ୍ତନ ଉତ୍ସବରେ କର୍ତ୍ତୃପକ୍ଷ ଶାଶ୍ୱତୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର ଏହି ସଫଳତା ନିମନ୍ତେ ଦେବଗଡ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ଶାଶ୍ୱତୀ ଦେବଗଡ ନବୋଦୟ ସାହିର ଭାନୁଶଙ୍କର ନନ୍ଦ ଓ ସରୋଜବାଳା ନନ୍ଦଙ୍କ ଝିଅ ଅଟନ୍ତି।


ଶାଶ୍ୱତୀ ନନ୍ଦ।

## ଆରଏସ୍ପି ବଲାଣି ଲୌହ ଖଣିର ନୂତନ ରେକର୍ଡ

**ରାଉରକେଲା ଅଫିସ,୧୨।୧୦**

ରାଉରକେଲା ଇସ୍ପାତ କାରଖାନା ଅଧୀନ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ବଲାଣି ଲୌହଖଣିରେ ଗୋଟିଏ ଦିନରେ ୩ଟି ନୂତନ ଉତ୍ପାଦକ ରେକର୍ଡ଼ ସୃଷ୍ଟି କରିଛି। ବଲାଣି ଖଣିରେ ୨୯୫୩୬ ଟନ ଲମ୍ପ ଓ ଫାଇନ୍ସ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଏକ ଦିବସୀୟ ଉତ୍ପାଦନ ହାସଲ କରିଛି। ଅକ୍ଟୋବର ୮ରେ ୨୪୬୫୦ ଟନ ବିଭାଗୀୟ ଲମ୍ପ ଓ ଫାଇନ୍ସ ଉତ୍ପାଦନ ସହିତ ଏହି କ୍ଷେତ୍ରରେ ମଧ୍ୟ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ହୋଇଛି। ଅକ୍ଟୋବର ୧ରେ ସମାନ କ୍ଷେତ୍ରରେ ଏହାର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ୨୨୮୩୦ ଟନ୍ ରହିଥିଲା। ଉକ୍ତ ଦିନ ତୃତୀୟ ସିଫ୍ଟରେ ୧୦୬୫୦ ଟନ୍ ସର୍ବକାଳୀନ ଶ୍ରେଷ୍ଠ ବିଭାଗୀୟ ଉତ୍ପାଦକ ରେକର୍ଡ଼ କରିଥିଲା।

## ଫି' ଛାଡ଼ ଦାବିରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଜୁନାଗଡ,୧୨।୧୦(ଡି.ଏନ.ଏ.)**

କଲେଜ ଫି' ଛାଡ ଦାବିରେ ସୋମବାର କଳାହାଣ୍ଡି ଜିଲା ଜୁନାଗଡ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ କଲେଜ ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କରୋନା ମହାମାରୀ ଯୋଗୁ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ସମୟରେ ଅନଲାଇନରେ ପାଠପଢା ଚାଲୁଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କୁ ଏବେ ଫି' ଦେବା ପାଇଁ କଲେଜ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ ଫି ପୈଠ କରିବା ଛାତ୍ରୀଛାତ୍ରଙ୍କ ପାଇଁ ଅସମ୍ଭବ ହୋଇପଡିଛି। ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଫି' ଛାଡ ପାଇଁ ନିବେଦନ କରିଥିଲେ ମଧ ଏଥିପ୍ରତି କର୍ତ୍ତୃପକ୍ଷ କର୍ଣ୍ଣପାତ କରି ନ ଥିବାରୁ ଶେଷରେ ଛାତ୍ରୀଛାତ୍ରମାନେ ପ୍ରତିବାଦ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ କର୍ତ୍ତୃପକ୍ଷ ଆସନ୍ତା ୧୯ ତାରିଖ ମଧ୍ୟରେ ଆଲୋଚନା କରି ଏହାର ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିଲେ। ଆନ୍ଦୋଳନକୁ ସ୍ଥାନୀୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମର୍ଥନ ଜଣାଇ ସାମିଲ ହୋଇଥିଲେ।



ଜୁନାଗଡ ପିଆଇ କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

## ଫୁଟ୍ବଲ: ଘୁଷୁରାଗୋଡା ଚାମ୍ପିୟନ


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

**ଦେବଗଡ଼,୧୨।୧୦(ଡି.ଏନ.ଏ)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଳିନାଳୀ ଗ୍ରାମରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍ଯାପିତ ହୋଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ରେ ସମ୍ବଲପୁର ଜିଲାର କଟଙ୍ଗପାଣି ଫୁଟବଲ ଦଳକୁ ଟାଇବ୍ରେକର ଜରିଆରେ ୨-୧ ଗୋଲରେ ପରାସ୍ତ କରି ଘୁଷୁରାଗୁଡା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍କୁ ରେଫରୀ ଭାବେ ପ୍ରଶାନ୍ତ ବାଘ, ପ୍ରଶାନ୍ତ ମୁଣ୍ଡା ଓ ରାଜେଶ ପରିଚାଳନା କରିଥିଲେ। ଉଦ୍ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ମୁଖ୍ୟଅତିଥି, ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଞ୍ଜିତ ପଟେଲ, ସମ୍ବଲପୁର ଏମ୍ପିଙ୍କ ଦେବଗଡ ଜିଲା ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଦୁଧିଆନାଳୀ ପଞ୍ଚାୟତର ସମିତି ସଦସ୍ୟ ଶ୍ୱେତ କୁମାର ପ୍ରଧାନ ଓ ଶିକ୍ଷାବିତ୍ ତରଣୀ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଘୁଷୁରାଗୁଡା ଓ ରନର୍ସ ଅପ୍ କଟଙ୍ଗପାଣି ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ନେତାଜୀ କ୍ଲବର ଗଣେଶ ଭଇଁଷା, କାଳିଆ ଭଇଁଷା, ବିଜୟ ପାତ୍ର, ସୁମନ୍ତ ସାହୁ, ପ୍ରଶାନ୍ତ ପ୍ରଧାନ ଓ ବାବୁଲା ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୧୨।୧୦**

ନୂଆପଡା ଜିଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଉଦ୍ୟାନବନ୍ଧଠାରେ ମଦର ଟେରେସା ସେବା ସଙ୍ଗଠନ ପଣ୍ଡରାପଥର ଓ ନୂଆପଡା ନେହେରୁ ଯୁବ କେନ୍ଦ୍ର ମିଳିତ ଅନୁକୂଲ୍ୟରେ କ୍ଲିନ ଇଣ୍ଡିଆ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନବନ୍ଧର ଦୁର୍ଗା ମଣ୍ଡପ, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନରୁ ପଡି ରହିଥିବା ମଇଳା ଆବର୍ଜନା ସଫା କରାଯାଇଥିଲା। ସେଚ୍ଛାସେବୀ ଜୟରାମ ଅହିର, ସମିତି ସଭ୍ୟ ନିମିଚନ ଅହିର, ମଦର ଟେରେସାର ସମ୍ପାଦକ ଶେଷଦେବ ପ୍ରଧାନୀ, ରଥ ମାଝି, ଘନଶ୍ୟାମ ନାୟକ, ନରେଶ ଅହିର, ଥବିର ଶବର ଓ ନେହେରୁ ଯୁବ କେନ୍ଦ୍ର ସେଚ୍ଛାସେବୀ କହ୍ନେଇ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ମୋବାଇଲ ଚୋରଙ୍କୁ କାବୁ କଲେ ମହିଳା ଟ୍ରାଫିକ୍ ହାବିଲଦାର

ବଲାଙ୍ଗୀର ଅଫିସ: ଡେଲିମାର୍କେଟରୁ ମୋବାଇଲ ଚୋରି କରି ଫେରାର ମାରୁଥିବା ଜଣେ ଚୋରକୁ ସ୍ଥାନୀୟ ଟାଉନ୍ ଥାନା ମହିଳା ଟ୍ରାଫିକ୍ ହାବିଲଦାର ଜୟନ୍ତୀ ସୁନା କାବୁ କରଛନ୍ତି। ଅଭିଯୁକ୍ତ ଜଣକ ସୁବର୍ଣ୍ଣପୁର ଜିଲା ତରଭା ଥାନା କମ୍ସାର ଗାଁର। ଅଭିଯୁକ୍ତ ମୋବାଇଲ ଚୋରି କରି ପଳାଇ ଯାଉଥିବା ଦେଖି ହାବିଲଦାର ସୁନା ଓ ଗୃହରକ୍ଷୀ ହିମାଂଶୁ ଶେଖର ସାଏ ତାଙ୍କୁ ଧରି ନେଇଥିଲେ। ଲୁଟେରାଙ୍କୁ ଅଧିକ ପଚରାଉଚରା ପାଇଁ ଟାଉନ୍ ଥାନାକୁ ନିଆଯାଇଛି।

**ସଂକ୍ଷେପରେ**

## ମା’ ସମଲେଶ୍ୱରୀଙ୍କ ନଗର ଭ୍ରମଣ



**ଗୁଡଭେଲା,୧୨।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ତୁଷରା ସହରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ମଙ୍ଗଳବାର ମହାଷ୍ଟମୀରେ ବରୁଆ ଦେହରେ ଆର୍ବିଭାବ ହୋଇ ସହର ପରିକ୍ରମା ଆରମ୍ଭ କରିଛନ୍ତି। ଏହି ସମୟରେ ସେ ସହରବାସୀଙ୍କ ସୁଖଦୁଃଖ ବୁଝୁଛନ୍ତି। ନଗର ଭ୍ରମଣ ସମୟରେ ସେ ପ୍ରଥମେ ହରିଜନ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଦ୍ୱାରା ପୂଜା ପାଇଥାନ୍ତି। ଏହାପରେ ଢୋଲରେ ଚଢ଼ି ବାଟରେ ପଡୁଥିବା ଏକ ବହୁ ପୁରୁଣା ବୃକ୍ଷକୁ ଅତିକ୍ରମ କରିଥାନ୍ତି। କୋଭିଡ କଟକଣା ଯୋଗୁଁ ସାମାଜିକ ଦୂରତା ରକ୍ଷା କରାଯାଇ ନଗର ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନବମୀ ଦିନ ରାତ୍ରିରେ ମାଙ୍କ ପୀଠରେ ଶାରଦୀୟ ପୂଜାର ପୂର୍ଣ୍ଣାହୂତି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ ।

## ଆଇନ ସଚେତନତା ଶିବିର

**ଦେଓଗାଁ,୧୨।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀପାଲିରେ ମଙ୍ଗଳବାର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍‌ଲତା ଖମାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ଜିଲା ସଚିବ ଦେବାଶିଷ ଦାଶ, ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରକାଶ ସେଠ, ମୁଖ୍ୟ କିରାଖି ରଜନୀକାନ୍ତ ରଥ ଯୋଗଦେଇ ଆଇନ ସେବା ଉପରେ ଲୋକଙ୍କୁ ଅବଗତ କରିଥିଲେ । ଏହି ଅବସରରେ ଗାଁରେ ରହିଥିବା ବିଭିନ୍ନ ଆଇନଗତ ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ଆଜାଦିର ୭୫ତମ ସ୍ୱାଧୀନତା ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ଓ ଲିଗାଲ ସର୍ଭିସ ସପ୍ତାହ ପାଳନ ଉପଲକ୍ଷେ ଅକ୍ଟୋବର ୨ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ବିଭିନ୍ନ ଗାଁରେ ଚଲିଥିବା ସୂଚନା ଦିଆଯାଇଥିଲା ।

## ଜଳାଶୟରେ ବୁଡ଼ି ଜୀବନ ଗଲା

**ବରଗଡ଼ ଅଫିସ୍,୧୨।୧୦:** ବରଗଡ଼ ସହର ଉପକଣ୍ଠ ତୋରା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ଏକ ଜଳାଶୟ(ରୁଗୁଡ଼ି ବନ୍ଧ)ରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବାନନ୍ଦ ସାହୁ(୩୫)। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୧) ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇଛି। ପ୍ରକାଶ ଯେ, ଦେବାନନ୍ଦ ଏବଂ ସ୍ତ୍ରୀ ମାମୀ ସକାଳୁ ରୁଗୁଡ଼ି ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। କୌଣସି କାରଣରୁ ଦେବାନନ୍ଦ ଜଳାଶୟରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଇକମାଳ, ମାଣ୍ଡୋସିଲରେ ଦୁର୍ଗାପୂଜା

**ପାଇକମାଳ,୧୨।୧୦(ଡି.ଏନ.ଏ.):** ପାଇକମାଳ ବ୍ଲକ ମାଣ୍ଡୋସିଲଠାରେ ୭୦ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ମଙ୍ଗଳବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପବିତ୍ର ପୁଟା ଓ ସ୍ତ୍ରୀ ହିମାଦ୍ରି ପୁଟା କର୍ତ୍ତା ଥିବା ବେଳେ ମୁଖ୍ୟ ପୂଜକ ଭାବେ ସୁବଳ ପଣ୍ଡା ଅଛନ୍ତି। ପୂଜା ପରିଚାଳନା ପାଇଁ ସଭାପତି ପ୍ରତାପ ପଟ୍ଟନାୟକ, ସମ୍ପାଦକ ସୁବାଷ ଚନ୍ଦ୍ର ହଂସ ଓ କୋଷାଧକ୍ଷ ଭାବେ ଦିଲୀପ କୁମାର ଡନସନା ରହିଛନ୍ତି। ସେହିପରି ପାଇକମାଳଠାରେ ଦୁର୍ଗାପୂଜା ଆରମ୍ଭ ହୋଇଛି। ମୁକେଶ ରଥ ଓ ସ୍ତ୍ରୀ ମୁକ୍ତେଶ୍ୱରୀ ରଥ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଯଯାତି କେଶରୀ ଦେବତା, ପଣ୍ଡିତ ଉମେଶ ଚନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର, ରାଧେଶ୍ୟାମ ଦେବତା, ପ୍ରେମରାଜ ଦେବତା ପ୍ରମୁଖ ପୂଜା କାର୍ଯ୍ୟରେ ନିୟୋଜିତ ଅଛନ୍ତି।

# ମାସେ ଗଲାନି, ଭାଙ୍ଗିଲା ଡ୍ରେନ୍‌ସ୍ଲାବ

**ବଲାଙ୍ଗୀର ଅଫିସ, ୧୨।୧୦**


ଡ୍ରେନ୍ ସ୍ଲାବ୍ ଭାଙ୍ଗି ଯିବାରୁ ୪୦୭ ଗାଡି ଫସି ରହିଛି।

ବଲାଙ୍ଗୀର ରେଳୱେ ଷ୍ଟେଶନ୍ ରାସ୍ତାକଡରେ ମାସେ ତଳେ ରାସ୍ତା ଓ କୋଠା ବିଭାଗ ପକ୍ଷରୁ ଡ୍ରେନ୍ ତିଆରି ହୋଇଥିଲା। ଏହି ଡ୍ରେନ୍ ସ୍ଲାବ୍ ଏବେ ଭାଙ୍ଗି ଗଲାଣି। ଏତେ କମ୍‌ଦିନରେ ସ୍ଲାବ୍ ଭାଙ୍ଗି ଯାଇଥିବାରୁ ନିମ୍ନମାନର କାମ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏକ ୪୦୭ମିନିଟ୍ରକ ଏହି ରାସ୍ତାଦେଇ ଯାଉଥିବାବେଳେ ଡ୍ରେନ୍ ସ୍ଲାବ୍ ଭାଙ୍ଗିଯିବାରେ ମିନିଟ୍ରକର ପଛଚକ ଡ୍ରେନ୍ ଭିତରେ ଫଶି ରହିଥିଲା। ୨୦୧୯ ବନ୍ୟା ସମୟରେ ଏହି ଡ୍ରେନ୍‌ର ପୁରୁଣା ସ୍ଲାବ୍‌କୁ ମ୍ୟୁନିସିପାଲିଟି ପକ୍ଷରୁ ଭାଙ୍ଗି ଦିଆଯାଇଥିଲା। ସେହି ଦିନରୁ ଲୋକେ ଏହି ରାସ୍ତାରେ ଯିବା ଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦୀର୍ଘ ଦାବି ପରେ ପ୍ରାୟ ମାସେ ତଳେ ରାସ୍ତା ଓ କୋଠା ବିଭାଗ ପକ୍ଷରୁ ଏହି ଡ୍ରେନ୍ କାମ ହୋଇଥିଲା। ଏନେଇ ରାସ୍ତା ଓ କୋଠା ବିଭାଗ ସରକାରୀ ନିର୍ବାହୀ ଅଧିକାରୀ ବିଜନ ଜୋନଙ୍କୁ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ମୋବାଇ ଫୋନ ସୁଇଚ୍ ଅଫ୍ ବତାଉ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସମଲେଶ୍ୱରୀଙ୍କ କାଳରାତ୍ରି ବେଶ

**ବରଗଡ଼ ଅଫିସ୍,୧୨।୧୦**


ମା’ ସମଲେଶ୍ୱରୀଙ୍କ କାଳରାତ୍ରି ବେଶ।

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇ ପଡ଼ିଛି। କୋଭିଡ୍ କଟକଣା ମଧ୍ୟରେ ସବୁଠି ନବରାତ୍ର ପୂଜା ପାଳିତ ହେଉଛି। ମଙ୍ଗଳବାର ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ କାଳରାତ୍ରି ବେଶରେ ଦର୍ଶନ ଦେଇଥିଲେ। ଏହି ବେଶରେ ଦେବୀଙ୍କୁ ଦର୍ଶନ କଲେ ଅଗ୍ନିଭୟ, ଜଳଭୟ, ଶତ୍ରୁଭୟ, ଗ୍ରହ ଦୋଷ ଆଦି ଦୂରୀଭୁତ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ସେହିପରି ରାତି ୯ଟା ୪୮ମିନିଟ୍ ପରେ ମାଁ ସମଲେଶ୍ୱରୀ ମହାଗୌରୀ ବେଶରେ ଦର୍ଶନ ଦେଇଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ



ବିଶ୍ୱ ମାନସିକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୧୨।୧୦**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମାନସିକ ରୋଗ ବିଭାଗ ପକ୍ଷରୁ ଏବଂ ସଞ୍ଜୁକ୍ତ ଆଞ୍ଚଳିକ କେନ୍ଦ୍ର ଠାରେ ମଙ୍ଗଳବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। ମାନସିକ ରୋଗ ବିଭାଗର ପ୍ରଫେସର ଡା ଆର୍ଶୀବାଦ ଶତପଥୀ ଅସମାନ ଦୁନିଆରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ଜନସାଧାରଣଙ୍କ ମଧରେ ବୃଦ୍ଧି ପାଇ ଚାଲିଥିବା ଅସମାନତା ଓ ମାନସିକ ରୋଗ ସମ୍ପର୍କରେ ସେ କହିଥିଲେ। ସଞ୍ଜୁକ୍ତ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ସୂର୍ଯ୍ୟମଣି ପ୍ରସାଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ଶଥପଥୀ କହିଥିଲେ ଯେ, ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ସ୍ପେଶାଲ ଏଜୁକେଶନ ଆସିଷ୍ଟାଣ୍ଟ ପ୍ରଫେସର ଡଃ ମିନତୀରାଣୀ ମହାପାତ୍ର, ଫିଜିଓଥେରୋପିଷ୍ଟ ସୁରଜ କୁମାର ବଡଜେନା, ପ୍ରୋଥେଟିଷ୍ଟ ଏବଂ ଅର୍ଥୋଟିଷ୍ଟ ସୁରେନ୍ଦ୍ର ଭୋଇ, ରେଡକ୍ରସ କର୍ମୀ ରାମନାରାୟଣ ଦାଶ, ସବ୍ୟସାଚୀ ସିଂ, ସୁବୋଧ ବିଶ୍ୱାଳ ଉପସ୍ଥିତ ଥିଲେ । ଶେଷରେ ଆକ୍ୟୁପେସନାଲ ଥେରାପିଷ୍ଟ ରଞ୍ଜିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

**ଲୋଇସିଂହା, ୧୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ବ୍ରାହ୍ମଣୀପାଲି ଗ୍ରାମର ଅଙ୍ଗନବାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚୟନରୁ ବାଦ ପଡିଥିବା ଦିପାନ୍ଦ୍ରୀ ନାଗ ଏ ନେଇ ଜିଲାପଳ ଚଞ୍ଚଳ ରାଣାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଲୋଇସିଂହା ଶିଶୁ ବିକାଶ ପ୍ରକଳ୍ପ(ଆଇସିଡିଏସ) ବିଜ୍ଞପ୍ତି ପତ୍ର ସଂଖ୍ୟା ୫୩୩/ତା୧୦।୭।୨୧ରିଖରେ ୧୦ ନୂତନ ଅଙ୍ଗନବାଡି କେନ୍ଦ୍ର କର୍ମୀ ଓ ଖାଲି ପଡିଥିବା ୩ ପଦବୀ ଏହିପରି ୧୩ଟି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୭ ଜୁଲାଇକୁ ପ୍ରାର୍ଥୀଙ୍କ ପାଇଁ ଶେଷ ଆବେଦନର ତାରିଖ ରଖାଯାଇଥିଲା। ୨୮ ଜୁଲାଇରେ ସିଡପିଓଙ୍କ କାର୍ଯ୍ୟାଳୟରେ କମିଟି ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା । ତେବେ ବ୍ରାହ୍ମଣିପାଲି ମା ମାହେଶ୍ୱରୀ ମନ୍ଦିର ଓ ଜିଆବନ୍ଧ ପର୍ଯ୍ୟନ୍ତ ରହିଥିବା କେନ୍ଦ୍ର ପାଇଁ ୫ଜଣ ପ୍ରାର୍ଥୀ ଆବେଦନ କରିଥିଲେ। ହେଲେ ତୁଲାବତୀ ବର୍ଗେଙ୍କ ମାଟ୍ରିକ ମାର୍କ ୬୨.୧୬ ପ୍ରତିଶତ ଅଛି ଏବଂ ତାଙ୍କୁ ସ୍ପେଶାଲ ଅନୁସୂଚିତ ଜାତି କୋଟାରୁ ୧୦ମାର୍କ ଦିଆଯାଇଛି। ସର୍ବାଧିକ ୭୭.୧୭ସ୍କୋର ପାଇଥିବା ଦର୍ଶାଇ ତୁଲାବତୀଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷେ ଦିପାନ୍ଦ୍ରିଙ୍କ ଅଭିଯୋଗ ହେଲା ସେ ମାଟ୍ରିକରେ ୬୮.୫ ମାର୍କ ରଖିଛନ୍ତି। ସେ ଅନୁସୂଚିତ ଜାତି ବର୍ଗର ହୋଇଥିଲେ ସୁଦ୍ଧା କୋଟା ବାବାଦ ୧୦ମାର୍କ ଦିଆଯାଇନାହିଁ। ଏଣୁ ତାଙ୍କ ସ୍କୋର କମି ଯାଇ ୭୩.୫ ହୋଇଛି। ସ୍କୋରିଂରେ ପାତରଅନ୍ତର କରାଯାଇଥିବାରୁ ସେ ନିଯୁକ୍ତିରୁ ବାଦ୍ ପଡିଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ନମିଳିଲେ ବାଧ୍ୟ ହୋଇ ସେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ସିଡିପିଓ ପ୍ରଜ୍ଞା ବାରିକଙ୍କୁ ତାଙ୍କ ମୋବାଇଲ ନମ୍ବର ୭୦୦୮୩୩୮୧୭୮ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ବି ରିସେଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

## ଡକାୟତି ଉଦ୍ୟମ ବିଫଳ, ୨ଗିରଫ

**ଗିରଫ ୨ ଅଭିଯୁକ୍ତଙ୍କ ବ୍ୟତୀତ ଧରା ପଡ଼ିଛନ୍ତି ଜଣେ ନାବାଳକ**

**ଟିଟିଲାଗଡ, ୧୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ଡ଼ ଗୋପବନ୍ଧୁ ସାହୁଙ୍କ ବଲାଙ୍ଗୀର ରୋଡସ୍ଥିତ କ୍ଲିନିକ ତଥା ବାସ ଭବନଠାରେ ଅକ୍ଟୋବର ୩ତାରିଖ ରାତିରେ କେତେଜଣ ଡକାୟତି ଉଦ୍ୟମ କରୁଥିଲେ। ପରିବାର ଲୋକେ ଏହା ଜାଣିପାରି ପାଖ ପଡୋଶୀ ତଥା ପୋଲିସକୁ ଖବର ଦେବାପରେ ଡକାୟତି ଉଦ୍ୟମ ବିଫଳ ହୋଇଥିଲା। ହେଲେ ଦୁର୍ବୃତ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ତେବେ ପୋଲିସ ସିସି ଟିଭି ଫୁଟେଜ ଯାଞ୍ଚ କରାଯିବା ସହ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିଲା। ଏହି ମାମଲାରେ ପୋଲିସ ମୁରିବାହାଲ ଓ ସିନ୍ଧେକେଲା ଥାନା ଅଞ୍ଚଳର ଗଣେଶ ଚନ୍ଦନ, କାର୍ତ୍ତିକ ପାତ୍ରଙ୍କୁ ଗିରଫ ରିଛି। ଏମାନଙ୍କ ସହ ସାମିଲ ଥିବା ଜଣେ ନାବାଳକଙ୍କୁ ବି ପୋଲିସ ଧରିଛି। ଏ ନେଇ ଟିଟିଲାଗଡ ଥାନାରେ ଦଫା ୩୩୯, ୪୫୭, ୩୮୦, ୫୧୧ରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଧରା ପଡିଥିବା ନାବାଳକଙ୍କୁ ବାଳ ସ୍ୱଧାର ଗୃହକୁ ପଠାଯାଇଛି। ଗିରଫ ଅଭିଯୁକ୍ତମାନେ ଟାଇଲ ମିସ୍ତ୍ରୀଭାବେ ପୂର୍ବରୁ ଡ଼ ସାହୁଙ୍କ ଘରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି।


ସୁବର୍ଣ୍ଣପୁରର ଇଷ୍ଟଦେବୀ ମା ସୁରେଶ୍ୱରୀ ବଗଳାମୁଖୀ ବେଶରେ ମଙ୍ଗଳବାର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ଗୋଟିଏ ରାତିରେ ୩ ଦୋକାନରୁ ଚୋରି

**ବିନିକା,୧୨।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ସୋମବାର ଗୋଟିଏ ରାତିରେ ତିନିଟି ଦୋକାନରୁ ସିରିଜ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ଆଜବେଷ୍ଟସ ଛାତ ଭାଙ୍ଗି ଲକ୍ଷାଧିକ ଟଙ୍କାର ଦୋକାନ ସାମଗ୍ରୀ ସହିତରେ ନଗଦ ୧୦ ହଜାର ଟଙ୍କା ଚୋରି କରି ଚମ୍ପଟ ମାରିଛନ୍ତି। ଏନେଇ ମଙ୍ଗଳବାର ବିନିକା ଥାନାରେ ଓମ୍ ଶ୍ରୀସାଇ ପୂଜାସମଗ୍ରୀ ଦୋକାନୀ ପୀତାମ୍ବର ସାହୁ, ସାଇକୃପା ଜେନେରାଲ ଷ୍ଟୋର ଦୋକାନୀ ଭଗବାନ ସାହୁ ଓ ପ୍ରତୀକ ମିଷ୍ଟାନ୍ନ ମାଲିକ ମଣ୍ଟି କ୍ଷେତୀ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବିନିକା ଥାନା ଏଏସ୍‌ଆଇ ଗୋବର୍ଦ୍ଧନ ନାଇକ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି। ଖୁବ୍‌ଶୀଘ୍ର ଚୋରଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି । ପ୍ରକାଶଥାଉକି ଏହି ତିନି ଦୋକାନରେ ୨ବର୍ଷ ମଧ୍ୟରେ ଦୁଇଥର ଚୋରି ହୋଇଥିବା ଅଭିଯୋଗ ହୋଇଛି।

## ଧାଙ୍ଗେର ପଞ୍ଚାୟତରେ ଉଦ୍‌ଘାଟନୀ ସମାରୋହ


ଧାଙ୍ଗେର ପଞ୍ଚାୟତରେ ପ୍ରକଳ୍ପ ଉଦଘାଟିତ ହେଉଛି।

**ବରଗଡ଼ ଅଫିସ୍,୧୨।୧୦**

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ପଞ୍ଚାୟତରେ ମଙ୍ଗଳବାର ଦୋକାନ ଗୃହ, ସହରାପଡ଼ା କଲ୍ୟାଣ ମଣ୍ଡପ, କ୍ରୀଡ଼ା ଭିତ୍ତିକ କାର୍ଯ୍ୟାଳୟ, ପାଠାଗାର ଏବଂ ଆଦିଶକ୍ତି କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ସାଧୁ ନେପାକ, ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା, ଯୁବ ସଙ୍ଗଠକ ଉମେଶ ପଣ୍ଡା, ପୂର୍ବତନ ନଗରପାଳ ପ୍ରଶାନ୍ତ ବେହେରା, ପୂର୍ବତନ ସରପଞ୍ଚ ଗୋବିନ୍ଦ ପୁର, ପ୍ରଫୁଲ୍ଲ ନାଏକ, ଧାଙ୍ଗେର ସରପଞ୍ଚ ଭାରତୀ ପଣ୍ଡା, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ।

## ପାଟଣାଗଡ଼ ବଏଲ ଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ପାଟଣାଗଡ, ୧୨।୧୦(ଡି.ଏନ.ଏ.)**

ପାଟଣାଗଡ଼ ବଏଲ ଯାତ୍ରା ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ମଙ୍ଗଳବାର ଉପଜିଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୩ ଓ ୧୪ ତାରିଖ ଦୁଇଦିନ ଧରି ବଏଲ ଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ଆଲୋଚନା କରାଯାଇଥିଲା। ବଏଲ ଯାତ୍ରା ସମୟରେ ୧୪୪ ଧାରା ଜାରି କରାଯିବ। ୧୪ ତାରିଖ ଦିନ ୧୨ଟା ପର୍ଯ୍ୟନ୍ତ ସହର ପ୍ରମୁଖ ୧୪ଟି ସ୍ଥାନରେ ବାରିକେଡ଼ ବ୍ୟବସ୍ଥା କରାଯିବ। ସୀମିତ ସେବାୟତଙ୍କ ଦାରା ଯାତ୍ରା ଅନୁଷ୍ଠିତ ହେବ ବୋଲି ଉପଜିଲାପାଳ ସେଠୀ ସୂଚନା ଦେଇଛନ୍ତି। ସହକାରୀ ଉପଜିଲାପାଳ କ୍ଷିରୋଦ ଚନ୍ଦ୍ର ସାହୁଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲିସର ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ,୧୨।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଝାରବନ୍ଧ ଥାନା ପୋଲିସ ପକ୍ଷରୁ ସୋମବାର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ରାସ୍ତା ଉପରେ ଗାଡ଼ି ପାର୍କିଂ ନ କରିବା, ଗାଡ଼ି ଚଳାଇବାବେଳେ ହେଲମେଟ୍ ପିନ୍ଧିବା, ବିନା ଲାଇସେନ୍ସରେ ଗାଡ଼ି ନ ଚଳାଇବା, ମାସ୍କ ପିନ୍ଧିବା ଆଦି ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଥାନାଧିକାରୀ ଅନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆମ ପୋଲିସ ସମିତିର ପ୍ରମୋଦ କୁମାର ରାୟ, ଅଶୋକ ସାହୁ, ମାନଭଞ୍ଜନ ବେହେରା, ଦୁର୍ଗାପ୍ରସାଦ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଫୁଟବଲ: ଝାରକୁଣ୍ଡାମାଲ ଚାମ୍ପିୟନ

**ଜୁନାଗଡ,୧୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡଠାରେ ଗତ ୮ ତାରିଖରୁ ଚାଲିଥିବା ମା’ ଲଙ୍କେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଝାରକୁଣ୍ଡାମାଲ ଓ ଜୁନାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲ୍ଟିରେ ଝାରକୁଣ୍ଡାମାଲ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ବୁଲୁ ବେହେରୁକ ଓ ତାଙ୍କ ୨ ସହଯୋଗୀ ପରିଚାଳନା କରିଥିଲେ। ଛୋରିଆଗଡ ମା’ ଲଙ୍କେଶ୍ୱରୀ ଆଥେଲେଟିକ ଆଶୋସିଏଶନ ପକ୍ଷରୁ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ବଲାଙ୍ଗୀର ଜୋନ୍ ସଭାନେତ୍ରୀ ତଥା ଆଇନଜୀବୀ କଲ୍ୟାଣୀ ନାଏକ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ, ଆସୋସିଏଶନ ସଭାପତି ସୁଦାନ ମୋଟେଲ, ସମିତି ସଭ୍ୟ ପ୍ରେମଲାଲ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଆରମ୍ଭରୁ ଅମିତ ଗୁରୁ, ମାନସ ମହାଲିକ, ମନମୋହନ ବେହେରୁକ, ସୋଭିତ ରଥ ପ୍ରମୁଖ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚ୍‌ରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଛନ୍ତି।

## ୪୨ଦିନରେ ପହଞ୍ଚିଲା ଚିନିକଳ ପୁନଃଚାଲୁ ଧାରଣା

**ଦେଓଗାଁ,୧୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲିସ୍ଥିତ ବିଜୟାନନ୍ଦ ସମବାୟ ଚିନିକଳ ୨୦୧୪ରୁ ବନ୍ଦ ପଡଛି। ଏହାକୁ ପୁନଃଚାଲୁ କରିବା ପାଇଁ ଭିଲେଜର୍ସ ଇଣ୍ଡିଆ ପାର୍ଟି ପକ୍ଷରୁ ଚାଲିଥିବା ଧାରଣା ମଙ୍ଗଳବାର ୪୨ ଦିନରେ ପହଞ୍ଚିଛି। ଅପରାହ୍ନରେ ଚିନିକଳ ମୁଖ୍ୟଗେଟ ସମ୍ମୁଖରେ ପାର୍ଟି ସମ୍ମୁଖରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଭିଲେଜର୍ସ ପାର୍ଟି ଅଧକ୍ଷ ଡ.ବିପିନ କୁଶୁଲିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଧାରଣା ଚାଲିଥିଲେ ହେଁ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପକୁ ପୁନଃଚାଲୁ କରିବା ପାଇଁ ସରକାର କୌଣସି ଆନ୍ତରିକତା ଦେଖାଉ ନ ଥିବା ଏଥିରୁ ସ୍ପଷ୍ଟ ବାରି ହେଉଛି । ତଥାପି ଅଞ୍ଚଳର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଏହି ଧାରଣାକୁ ବ୍ୟାପକ କରାଯିବ ବୋଲି ଡ. କୁଶୁଲିଆ କହିଥିଲେ। ପାର୍ବଣ ପରେ ଜିଲାର ପ୍ରତ୍ୟେକ ଗାଁକୁ ଯାଇ ଆଖୁଚାଷୀ, କର୍ମଚାରୀଙ୍କୁ ଆନ୍ଦୋଳନରେ ସାମିଲ କରାଯିବ। ଗାଁମାନଙ୍କରେ ସ୍ୱତନ୍ତ୍ର ବୈଠକ କରାଯିବ। ୨୫ ତାରିଖରେ ଏକ ଆଖୁଚାଷୀ ସମାବେଶ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଚିନିକଳର ଜିଏମ ଶତଦଳ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଆଦିବାସୀ ଅଧିକାର ମହାସଂଘ ଅଧକ୍ଷ ଦ୍ୱିଜ ଦଳପତି, କୁମାରୀ ଭୋଇ, ଜଗନ୍ନାଥ ମାହାଣା, ପଶ୍ଚିମ ଓଡିଶା ସେବାସଂଘ ଅଧକ୍ଷ ରାଜେଶ ବଗର୍ତ୍ତି , ଅକ୍ଷୟ ପୁଟା, ମଣି ଦୀପ, ଅଜିତ ରଣା, କୁଳମଣୀ ରଣା,ନେପାଳ ଚନ୍ଦେଲ, ରାଜେନ୍ଦ୍ର ସୁନା ପ୍ରମୁଖ ଉପସ୍ଥିତ ଥିଲେ ।


ଚିନିକଳ ସମ୍ମୁଖରେ ଜିଏମ ଶତଦଳ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ଗୋଣ୍ଡ ଜାତୀୟ ଆୟୋଜନ କମିଟି ଗଠିତ

**ବିନିକା,୧୨।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୌଡିଆମୁଣ୍ଡାଠାରେ ଆଦିବାସୀ ଗୋଣ୍ଡ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଂଘିଯୁବା, ପାପୀ, ମେଘଲା, ଚରଦା, ସିଆଳି ସର୍କଲ ଗୋଣ୍ଡଜାତୀୟ କର୍ମକର୍ତ୍ତା ଏକାଠି ହୋଇଥିଲେ। ବୈଠକରେ ନୃପ ଧରୁଆ ସଭାପତିତ୍ୱ କରିଥିଲେ। ଜିଲା ଆୟୋଜନ ସମିତି ସଭାପତି ସୁନୀଲ କୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିନିକା ବ୍ଲକ ଗୋଣ୍ଡଜାତୀୟ ଆୟୋଜନ ସମିତି ସଭାପତି ଜଗବନ୍ଧୁ ଭୋଇ, ସୁରଥ ରଥ ସମ୍ପାଦକଭାବେ ଚୟନ କରାଯାଇଥିଲା। ବୈଠକରେ ରାମଚନ୍ଦ୍ର ନାଏକ, ଭାଗିରଥୀ ରାୟ, ଯଦୁମଣି ପୁଟା, ଶୁକ୍ରୁ ଧରୁଆ ସମିତି ନୀତି ନିୟମ ବିଷୟରେ ଦିଗଦର୍ଶନ ଦେଇଥିଲେ।

